**ରାଜପଥ ଲୁଟେରା ଓ ମୂର୍ତ୍ତିଚୋରଙ୍କୁ କାବୁକଲା ପୁଲିସ**

# ଖଣ୍ଡା, ଭୁଜାଲି ସହ ଦେଶୀ ବନ୍ଧୁକ ଜବତ; ମୁଖ୍ୟ ଅଭିଯୁକ୍ତ ଚମ୍ପଟ

ଓଡ଼ାପଡ଼ା, ୨୪।୩ (ସମିସ)





ଢେଙ୍କନାଳ ଜିଲ୍ଲାର ମୋଟଙ୍ଗା ଥାନା ପୁଲିସ ଶନିବାର ବିଳମ୍ବିତ ରାତିରେ ଚଢ଼ଉ କରି ସତ୍ୟମ ଶିବମ ସୁନ୍ଦରମ ମହାବିଦ୍ୟାଳୟ ନିକଟରେ ଥିବା ଜଙ୍ଗଲରୁ ଏକ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗକୁ କାବୁ କରିବାରେ ସଫଳ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ କୌଶଳ କ୍ରମେ ଚମ୍ପଟ ମାରିଥିବା ଜଣାପଡ଼ିଛି ।

ଢେଙ୍କାନାଳ ଜିଲ୍ଲାର ୫୫ ନମ୍ବର ଜାତୀୟ ରାଜପଥ ଓ ବିଭିନ୍ନ ମନ୍ଦିରରୁ ଲୁଟ୍ କରି ସର୍ବସାଧାରଣରେ ଚାଞ୍ଚଲ୍ୟ ଖେଳାଇଥିବା ଏକ ଲୁଟେରା ଦଳକୁ କାବୁ କରିବା ସହିତ ଆଜି ଜେଲ୍ ହାଜତକୁ ପଠାଯାଇଛି । ରବିବାର ଅପରାହ୍ନରେ ମୋଟଙ୍ଗାଥାନା ପରିସରରେ ଢେଙ୍କାନାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ ଏକ ପ୍ରେସ ବିବୃତ୍ତି ଦେଇ ଘଟଣାର ପର୍ଦ୍ଦାଫାସ୍ କରିଛନ୍ତି । ସୂଚନା ଅନୁସାରେ ଗତ କିଛିଦିନ ଧରି ଢେଙ୍କାନାଳ ଜିଲ୍ଲାର ୫୫ ନମ୍ବର ଜାତୀୟ ରାଜପଥ ଓ ବିଭିନ୍ନ ଶାଖା ରାସ୍ତାରେ ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଆଦାୟ କରୁଥିବା କର୍ମଚାରୀଙ୍କୁ ନିଛାଟିଆ ସ୍ଥାନରେ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ସେମାନଙ୍କଠାରୁ ଆଦାୟ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ । ବିଭିନ୍ନ ମନ୍ଦିରରୁ ବିଭିନ୍ନ ଧାତୁମୂର୍ତ୍ତିକୁ ଚୋରିକରି ନେଉଥିବା ଖବର ନିତିଦିନିଆ ଘଟଣା ହୋଇଥିଲା ବେଳେ ପୁଲିସ ନିଦ ହଜେଇ ଦେଉଥିଲା । ମୋଟଙ୍ଗା ପୁଲିସ ପକ୍ଷରୁ ଏଏସଆଇ ବିକାଶ ଚନ୍ଦ୍ର ଦେହୁରୀ ଓ ଅନ୍ୟ ସହକର୍ମୀଙ୍କ ସହିତ ଗତକାଲି ରାତିରେ ସମୟରେ ୫୫ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ । ରାତି ପ୍ରାୟ ଘ୧.୧୫ ସମୟରେ ସତ୍ୟଂ ଶିବଂ ସୁନ୍ଦରଂ ମହାବିଦ୍ୟାଳୟ ନିକଟରେ ଏକ ବୁଦାନଟିରେ କିଛି ଯୁବକ ସନ୍ଦେହ ଅବସ୍ଥାରେ ନଜରକୁ ଆସିଥିଲେ । ସେମାନଙ୍କୁ ଅଟକାଇବା ସମୟରେ ତାଙ୍କ ପାଖରେ ଏକ ଦେଶୀ ପିସ୍ତଲ, ଭୁଜାଲି, , ଏକ ଖଣ୍ଡା ମିଳିଥିଲା । ନିକଟରେ ଥିବା ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା । ଖବରକୁ ଭିତ୍ତିକରି ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ମୋଟଙ୍ଗା ଥାନା ଧଳପୁର ଗ୍ରାମର ରାଜ କିଶୋର ନାଏକ ଓରଫ ରାଜୁ(୩୪), ପରଜଙ୍ଗ ଥାନା ହାତୀଲୁଚାଣୀ ଗ୍ରାମର ମୋହନ ନାଏକଙ୍କ ପୁଅ ଶ୍ରବଣ ନାଏକ, ମୋଟଙ୍ଗା ଥାନା ଧଳପୁର ଗ୍ରାମର ପ୍ରାଣବନ୍ଧୁ ମହାକୁଡ଼ଙ୍କ ପୁଅ ସନ୍ତୋଷ ମହାକୁଡ ଓରଫ ସନ୍ତ, ତାଳଚେର ଥାନା ରାଧାରମଣପୁରର ନରେଶ ଭୁତିଆଙ୍କ ପୁଅ ଆଲୋକ ଭୁତିଆ(୨୩)ଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲେ । ସମସ୍ତ ଅଭିଯୁକ୍ତ କଣ୍ଟାବଣିଆ ଥାନା ତଳବାହଲ ଗ୍ରାମର ବାବୁଲା ନାଏକଙ୍କ ନାମ ଉଲ୍ଲେଖ କରିଥିବା ବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି । ପୁଲିସ ସେମାନଙ୍କ ନାମରେ ୧୨୯/୨୪ ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଡକାୟତ ଗ୍ୟାଙ୍ଗଠାରୁ ପୁଲିସ ଗୋଟିଏ ଦେଶୀ ବନ୍ଧୁକ ସହିତ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଭୁଜାଲି, ଗୋଟିଏ ଖଣ୍ଡା, ଗୋଟିଏ ବଜାଜ ପଲସର ମୋଟର ସାଇକେଲ, ନଗଦ ୧୪୫୦ ଟଙ୍କା ସହିତ ୫ଟି ଗ୍ଲାସ, ଟର୍ଚ୍ଚ ଲାଇଟ, ୪ ଟି ମଦ ବୋତଲ ଜବତ କରିଥିବା ଜଣାପଡ଼ିଛି । ଏ ସଂକ୍ରନ୍ତରେ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରଦାନ କରିବା ସହିତ ସମସ୍ତେ ଆନ୍ତଃଜିଲ୍ଲା ର୍ୟାକେଟର ବୋଲି ପ୍ରକାଶ କରିଛନ୍ତି ।

**● ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ**

## ୨ ଆଲୁମିନି ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ସମ୍ମାନ



ଢେଙ୍କାନାଳ/କାମାକ୍ଷାନଗର, ୨୪।୩(ସମିସ): କାମାକ୍ଷାନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୦ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଜସେବୀ, ଉଦ୍ୟୋଗପତି ସୁଶିଲ କୁମାର ଅଗ୍ରୱାଲ ,ମୁଖ୍ୟବକ୍ତା ପ୍ରଫେସର ଚିତ୍ତରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଶଙ୍କର ଲାଲ ଖେମକା ଏବଂ ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ । ସଭାପତି ଧର୍ମାନନ୍ଦ ମଲ୍ଲିକ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଦିଲ୍ଲୀପ କୁମାର ନନ୍ଦ । ବିଦ୍ୟାଳୟର ଦୁଇଜଣ ପୂର୍ବତନ ଛାତ୍ରଛାତ୍ରୀ ଡାକ୍ତର ଅଭିଷେକ ପଟ୍ଟନାୟକ ଏବଂ ଡାକ୍ତର ସ୍ମୃତି ମଲ୍ଲିକଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷା ପରେ ବ୍ୟକ୍ତିଗତ ଜୀବନରେ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥିଲା । ବାର୍ଷିକ ଉତ୍ସବ ଅବସରରେ ସମ୍ପାଦକୀୟ ପାଠ କରିଥିଲେ ବିଦ୍ୟାଳୟ ସମ୍ପାଦକ ଶେଷରଞ୍ଜନ ଦାଶ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟକ୍ଷା ସୁବାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁଗମ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଅରଖପାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କାମାକ୍ଷାନଗର, ୨୪।୩ (ସମିସ) :** ଢେଙ୍କନାଳ ଜିଲ୍ଲାର ଭୁବନ ବ୍ଲକ ଅରଖପାଳ ପଞ୍ଚାୟତ ଅରଖପାଳ ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟ ଖୁରସିଆର ପ୍ରଧାନ ଶିକ୍ଷକ ଅରୁଣ କୁମାର ତ୍ରିପାଠୀଙ୍କ ଅବସରକୁ ବେଶ ଧୁମଧାମରେ ପୁରାତନ ଛାତ୍ର ସଂସଦ ତରଫରୁ ଆୟୋଜନ କରାଯାଇଥିଲା । ଶିକ୍ଷକଙ୍କ ଘର ଗଞ୍ଜାମ ଜିଲ୍ଲାର ଉମ୍ମରି ଧର୍ମଶରଣପୁରରେ ହୋଇଥିବା ବେଳେ ତାଙ୍କର ଚାକିରି ଜୀବନ ଆରମ୍ଭ କରି ଏହିଠାରେ ହିଁ ଶେଷ କରିଥିଲେ । ପୁରାତନ ଛାତ୍ର ତଥା ଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ, ବହୁ ପୁରାତନ ଛାତ୍ର ଛାତ୍ରୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ରହି ତ୍ରିପାଠୀଙ୍କ ଗୁଣାତ୍ମକ ଶିକ୍ଷାଦାନ ସହ ବିଦ୍ୟାଳୟ ପ୍ରତି ଥିବା ଅତୁଳନୀୟ ଅବଦାନକୁ ବର୍ଣ୍ଣନା କରିଥିଲେ ।




## ଉତ୍କଳ ସମାଜର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା




**ଢେଙ୍କାନାଳ, ୨୪।୩ (ସମିସ) :** ଢେଙ୍କାନାଳର ଆରାଧ୍ୟ ଦେବତା ସିଦ୍ଧ ବଳରାମଙ୍କ ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ସମାଜର ପ୍ରଥମ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ଘୋଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସମ୍ପାଦକ ଭାସ୍କର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସଭା ପ୍ରାର୍ଥୀ ସୁଶ୍ରୀ ସ୍ୱପ୍ନାରାଣୀ ଜେମ୍ବ (ମେଘା) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢେଙ୍କାନାଳ ସଦର ବିଧାୟକ ଆସନ ନିମନ୍ତେ ପ୍ରାର୍ଥିନୀ ଆଇନଜୀବୀ ଲଗ୍ନାମୟୀ ସ୍ୱାଇଁ, କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ସାମଲ ଓ ପରଜଙ୍ଗ ବିଧାୟକ ପ୍ରାର୍ଥୀ ନିମନ୍ତେ ଶ୍ରୀକାନ୍ତ ନାଏକଙ୍କ ପ୍ରାର୍ଥୀ ତାଲିକା ପ୍ରଥମ ପର୍ଯ୍ୟାୟରେ ଘୋଷଣା କରାଯାଇଛି । ଅନ୍ୟ ୪ଟି ଆସନ ନିମନ୍ତେ ଖୁବ୍ଶୀଘ୍ର ପ୍ରାର୍ଥୀମାନଙ୍କର ନାମ ୨ୟ ପର୍ଯ୍ୟାୟ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଘୋଷଣା କରାଯିବ । ଆଜି ଏହି ସଭାରେ ଉତ୍କଳ ସମାଜ ପ୍ରମୁଖ ଢେଙ୍କାନାଳର ରାମେଶ୍ୱର ମାଇତି, ତାଳଚେରର ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସର୍ବକନିଷ୍ଠ ନୂତନ ସଭ୍ୟା ଭାବେ ସୁଶ୍ରୀ ଅକ୍ଷିତା ଆୟୁଷୀଙ୍କୁ ସ୍ୱାଗତ କରାଯିବା ସହିତ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ମିଡିଆ ସେଲ୍ର ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

## ସହରରେ ବେପରୁଆ ବାଇକ୍ ଚାଳନା; ୨ ଗୁରୁତର

**କାମାକ୍ଷାନଗର, ୨୪।୩ (ସମିସ)** କାମାକ୍ଷାନଗର ଏନ୍ଏସିର ତରୁଣବଜାର ଠାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଆଜି ଦ୍ୱିପ୍ରହର ସମୟରେ ସହରର ତରୁଣବଜାର ଠାରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଦୀପକ ବେହେରା ନାମକ ଜଣେ ଯୁବକ ଓ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଥିଲେ । ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଦୀପକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ବେପରୁଆ ଗାଡ଼ି ଚାଳନା ଯୋଗୁଁ କାମାକ୍ଷାନଗର ସହର ମଧ୍ୟରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ପୁଲିସ ତଥା ପ୍ରଶାସନ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ଗଭୀର କୂପରୁ ମହିଳାଙ୍କ ଶବ ଉଦ୍ଧାର

**ଢେଙ୍କାନାଳ, ୨୪।୩ (ସମିସ) :** ସଦରଥାନା ଅନ୍ତର୍ଗତ କାଣ୍ଡବିନ୍ଧା ପଞ୍ଚାୟତ ତାମଣ୍ଡା ଗ୍ରାମର ଜୁଆଙ୍ଗ ସାହିର ଏକ ଗଭୀର କୂଅରୁ ଜଣେ ମହିଳାଙ୍କ ଶବକୁ ଉଦ୍ଧାର କରାଯାଇଛି । ତାମଣ୍ଡା ଗ୍ରାମର ମୁନା ପ୍ରଧାନଙ୍କ ପତ୍ନୀ ଚୁଲବୁଲି ପ୍ରଧାନ(୩୫) ସାହିରେ ଥିବା ଏକ ଗଭୀର କୂଅରେ ଖସିପଡ଼ିଥିଲେ । ଖବରପାଇ ଢେଙ୍କାନାଳ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଗଭୀର କୂପରୁ ଉଦ୍ଧାର କରିଥିବାର ଜଣାପଡ଼ିଛି ।। ମହିଳା କିପରି କୂଅରେ ପଡ଼ିଲେ, ତା'ର ତଦନ୍ତ ଚାଲୁ ରହିଛି ।

## ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ଆପ୍

**ଢେଙ୍କାନାଳ, ୨୪।୩ (ସମିସ) :** ଢେଙ୍କାନାଳ ଜିଲ୍ଲା ଆମ୍ ଆଦମୀ କାର୍ଯ୍ୟାଳୟ ଠାରେ ଜିଲ୍ଲାର ସମସ୍ତ ଆମ୍ ଆଦମୀ ପାର୍ଟିର କର୍ମୀମାନେ ଏକତ୍ରିତ ହେବା ସହ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରିଥିଲେ । ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ସମ୍ବନ୍ଧରେ ସାଂଘାତିକ ତଥ୍ୟ ପଦାକୁ ଆସିଛି । ବିଜେପି ହିଁ ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି କେଜ୍ରିୱାଲଙ୍କୁ ଜେଲ୍ ପଠାଇଥିବା ଏହି ତଥ୍ୟରୁ ପ୍ରମାଣିତ ହେଉଛି । ବିଜେପି ଚାପ ପକାଇ ଡରାଇ ଧମକାଇ ଇଡି ମାଧ୍ୟମରେ କେବଳ ଚାନ୍ଦା ଆଦାୟ କରିନାହିଁ, ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ମିଥ୍ୟା ସାକ୍ଷ୍ୟ ମଧ୍ୟ ଆଦାୟ କରିଛି ଏବଂ ତାଙ୍କୁ ଏକ ମିଥ୍ୟା ଅଭିଯୋଗରେ ଗିରଫ କରିବାର ଚକ୍ରାନ୍ତରେ ଇଡି ସଫଳ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ ଜେଲରେ ଥିବା ସରଥ ରେଡିଙ୍କ ବିଭିନ୍ନ କମ୍ପାନୀରୁ ବିଜେପି ଏତେ ଟଙ୍କା ନେଲା କାହିଁକି ? ତେଣୁ ବିଜେପି ବିରୁଦ୍ଧରେ ଆମ୍ ଆଦମୀ ପାର୍ଟିର ଢେଙ୍କାନାଳ ଜିଲ୍ଲା ସଭାପତି ପଙ୍କଜ କୁମାର ନାୟକ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଜିତେନ୍ଦ୍ର ବେହେରା, ରିଚିତା ନାୟକ ଓ ଅନ୍ୟାନ୍ୟ କର୍ମୀମାନେ ଦୃଢ କାର୍ଯ୍ୟନୁଷ୍ଠାନ ପାଇଁ ଦାବୀ କରୁଛି ।

## ବୈଜ୍ଞାନିକ ଶରତ ଦାସଙ୍କୁ ସମ୍ବର୍ଦ୍ଧନା

**ଭୁବନ, ୨୪।୩ (ସମିସ) :** ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଶିବ ମନ୍ଦିର ପରିସରରେ ବୈଜ୍ଞାନିକ ଶରତ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରାଜନାରାୟଣ ତ୍ରିପାଠୀଙ୍କ ସଂଯୋଜନା କ୍ରମେ ଗାଁ ମୁରବୀ କାମକ୍ଷାନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ଦାସ, ବିଜୟ କୁମାର ଦାସ, ଘନଶ୍ୟାମ ଦାସ, ରାଜକିଶୋର ପଣ୍ଡା, ପଞ୍ଚାନନ ରାଜ, କପିଳେଶ୍ୱର ମଲ୍ଲିକ, ପ୍ରେମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆମେରିକାର କେମ୍ବ୍ରିଜନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲେଖ ଚନ୍ଦ୍ର ଦାସ, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଯୁଗଳ କିଶୋର ତ୍ରିପାଠୀ, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ମାରାଥନ୍ ଦୌଡ଼ାଳି ସିଦ୍ଧାର୍ଥ ଶଙ୍କର ଦାସ, କବି କମଳ କୁମାର ଦାସ, ଚିତ୍ରଶିଳ୍ପୀ ସୁପ୍ରିୟା ଦାସ, ପ୍ରଫେସର ରୀତା ରାଉତରାୟ, ଗାଁ ଇତିହାସ ରଚୟିତା ଶ୍ରୀଧର ଦାସ, ଗାଁ ଶିକ୍ଷୟିତ୍ରୀ ସୁପ୍ରଭା ଦାସଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା ।

## ବଳରାମଜୀଉ ମନ୍ଦିର ଘର ସମ୍ମୁଖରେ ଦୋକାନ ଘର ନିର୍ମାଣ

**ଢେଙ୍କାନାଳ, ୨୪।୩ (ସମିସ) :** ସ୍ଥାନୀୟ ଶ୍ରୀ ସିଦ୍ଧ ବଳରାମଜୀଉ ମନ୍ଦିରର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୨କୋଟି ୯୬ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏହି ଅର୍ଥରୁ ୨କୋଟି ୧୮ ଲକ୍ଷ ଟଙ୍କାରେ ଟେଣ୍ଡର ରାଜିନାମା ହୋଇଥିଲା । ମନ୍ଦିର ଉନ୍ନତିକରଣ ଯୋଜନାରେ ପରିକ୍ରମା ପଥ ପ୍ରସ୍ତୁତି, ଭୋଗ ମଣ୍ଡପ ଓ ପଦଧୌତ ସ୍ଥାନର ନବୀକରଣ, ଲକ୍ଷ୍ମୀ ମଣ୍ଡପର ରୂପାନ୍ତରୀକରଣ, ଅବରୋଧମୁକ୍ତ ମେଘନାଦ ପ୍ରାଚୀର ଉନ୍ମୋଚନ, ନୂତନ କାର୍ଯ୍ୟାଳୟ ଗୃହ ସ୍ଥାପନ, ଗର୍ଭଗୃହ ଚଟାଣ ପରିବର୍ତ୍ତନ, ଭଣ୍ଡାର ଘରର ରୂପାନ୍ତରୀକରଣ ଓ ମନ୍ଦିରରେ ନୂତନ ଦୀର୍ଘସ୍ଥାୟୀ ରଙ୍ଗ ଦିଆଯିବା ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଛି । ତେବେ ମେଘନାଦ ପ୍ରାଚୀରକୁ ଅବରୋଧମୁକ୍ତ କରିବାକୁ ଯାଇ ଦେବୋତ୍ତର ବିଭାଗ ଅନୁମୋଦନରେ ୪/୫ ବଖରା ଦୋକାନ ଗୃହ ମନ୍ଦିର ସମ୍ମୁଖ ଖାଲିସ୍ଥାନରେ କରାଯାଉଥିବା ବେଳେ ଏହା ବିବାଦ ଘେରକୁ ଆସିଛି । ମନ୍ଦିରର ଝୁଲଣ ଘର ଭାବେ ପରିଚିତ ପ୍ରାଚୀନ ଅଟାଳିକା, ମନ୍ଦିର ପରିସର ବାହାରେ ରାସ୍ତାର ପୂର୍ବ ପାର୍ଶ୍ୱରେ ଶତାଧିକ ବର୍ଷ ପୂର୍ବେ ମହାରାଜା ସୁରପ୍ରତାପଙ୍କ ଅମଳରୁ ରହିଆସିଛି । ଏବେ ଏହାକୁ ବିବାହ ବ୍ରତ କାର୍ଯ୍ୟ ପାଇଁ ଦେବୋତ୍ତର ଭଡା ସୂତ୍ରରେ ଦେଉଛି । ଏହି ପ୍ରାଚୀନ ଐତିହ୍ୟକୁ ସମ୍ପୂର୍ଣ୍ଣ ଅବରୋଧ କରି ଦୋକାନ ଘର ନିର୍ମାଣ ହେଉଛି, ଯାହାଦ୍ୱାରା ଏହା ସାଧାରଣରେ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉନାହିଁ । ଏହାକୁ ଶ୍ରୀ ବଳରାମଜୀଉଙ୍କ ଆଦ୍ୟ ସେବକ ଯୁବରାଜ ଅମରଜ୍ୟୋତି ସିଂହଦେଓ ବିରୋଧ କରି ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସପନ କୁମାର ନନ୍ଦଙ୍କ ଦୃଷ୍ଟିକୁ ଆଣିଛନ୍ତି । ଢେଙ୍କାନାଳ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ଓ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ ମଧ୍ୟ ଏଭଳି ନିର୍ମାଣ କାର୍ଯ୍ୟକୁ ନିନ୍ଦା କରିଛନ୍ତି । ଅପରପାର୍ଶ୍ୱ ରାସ୍ତା କଡ଼ରେ ଦୋକାନ ଘର ନିର୍ମାଣ ହେବା ସ୍ଥିର ହୋଇଥିବା ବେଳେ କାହା ସ୍ୱାର୍ଥରେ ଏବଂ କାହା ପରାମର୍ଶରେ ଏଭଳି କାର୍ଯ୍ୟ କରାଗଲା, ଯାହା ପ୍ରାଚୀନ କୀର୍ତିରାଜି ସଂରକ୍ଷଣ ଆଇନ୍ର ବିରୋଧାଚରଣ କରୁଛି ସେ ନେଇ ଶ୍ରୀ ସିଂହଦେଓ ପ୍ରଶ୍ନ କରିଛନ୍ତି । ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସର ଆଜି ଢଳେଇ ଛାତ ପକାଯାଇଛି । ଢେଙ୍କାନାଳର ନୂତନ ଯୁବ ଭାରତୀୟ ପ୍ରଶାସନିକ ଅଧିକାରୀ, ଜିଲ୍ଲାପାଳ ଓ ଦେବୋତ୍ତର ଟ୍ରଷ୍ଟି ଭାବେ ତୁରନ୍ତ ଦେବୋତ୍ତର କାର୍ଯ୍ୟର ଟିକିନିଖି ସମୀକ୍ଷା କରି ଗଣମାଧ୍ୟମ ଜରିଆରେ ସର୍ବସାଧାରଣଙ୍କ ଗୋଚରକୁ ଆଣନ୍ତୁ ବୋଲି ସବୁ ମହଲରେ ଦାବି ହେଉଛି ।

**● ୨୦୧୬ ଆକ୍ରମଣ ମାମଲାର ରାୟ ପ୍ରକାଶ**

## ଦୋଷୀଙ୍କୁ ଜରିମାନା ନିର୍ଦ୍ଦେଶ

**ଗଁଦିଆ, ୨୪।୩ (ସମିସ) :** ଢେଙ୍କନାଳ ଜିଲ୍ଲା ଗଁଦିଆରେ ଗତ ୨୦୧୬ ମସିହାରେ ଏକ ଆକ୍ରମଣ ମାମଲାର ବିଚାରକରି ଗନ୍ଦିଆ ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

୨୦୧୬ ମସିହା ମାର୍ଚ୍ଚ ମାସ ୨୭ ତାରିଖରେ ନିହଲପ୍ରସାଦ ଥାନା ଅଧୀନସ୍ଥ ବେଗା ଗ୍ରାମରେ ଅଭିଯୋଗକାରିଣୀଙ୍କ ପୁତ୍ର ଆର୍ଶୀବାଦ ଦାସ ନିକଟସ୍ଥ ଶିବ ମନ୍ଦିରକୁ ଫୁଲ ଦେବାକୁ ଯାଇଥିବା ବେଳେ ସେହି ଗ୍ରାମର ଏକ ଝିଅ ଓ ପୁଅ ଘରଛାଡ଼ି ପଳାଇବା ନେଇ ଆଲୋଚନା କରିବା କଥା ଆର୍ଶୀବାଦ ଯାଇ ଝିଅର ମା'ଙ୍କୁ ଜଣାଇଥିଲା । ଘଟଣାକୁ ନେଇ ଆକ୍ରୋଶ ରଖି ସେହି ଗ୍ରାମର ସାଗର ସାହୁ, ସୁନିଲ ବେହେରା, ଅନିଲ ବେହେରା, ପ୍ରହଲ୍ଲାଦ ଅହରିବୋଲ ପାଢ଼ୀ, ଡାକୁ ଅକାଳନ୍ଦୀ କବି, ସୌଭାଗ୍ୟ ବେଉରା, ରଶ୍ମି ରଞ୍ଜନ ମହାନ୍ତି ଓ ଅଭିମନ୍ୟୁ ସାହୁ ବେଗା ତାରିଣୀ ମନ୍ଦିର ପିଢ଼ ପାଖରୁ ଟେକି ନେଇ ଭୁଜାଲିରେ ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଉକ୍ତ ଘଟଣାକୁ ନେଇ ଅଭିଯୋଗକାରିଣୀ ବୈଜୟନ୍ତୀ ଦାଶ ୨୮ ତାରିଖ ଦିନ ନିହଲପ୍ରସାଦ ଥାନାରେ ଏକ ଏତଲା ଦେଇଥିଲେ । ଯାହାକୁ ନେଇ ନିହଲପ୍ରସାଦ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ସମୁଦାୟ ୧୧ ଜଣ ସାକ୍ଷୀ ୪ଟି ଦସ୍ତାବିଜ ଆଧାରରେ ତା ୨୨.୩.୨୪ ରିଖରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ପିଙ୍ଗଳ କୋଡ ଦଫା ୩୨୩/୩୪ରେ ପ୍ରତ୍ୟେକଙ୍କୁ ଟ ୫୦୦/- ଜରିମାନା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ୧୫ ଦିନ ସାଧାରଣ କାରାବାସ ଭୋଗ କରିବେ । ଏହି ମାମଲାଟିକୁ କ୍ୟାଡର ଏପିପି ଶାଶ୍ୱତ ଜେନା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଓ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ ।

**ରାସ୍ତା ଉପରେ ଅଟକିଲା ଯାତ୍ରୀବାହୀ ବସ୍**

# ୬ ଘଣ୍ଟା ଧରି ଯାତ୍ରୀ ହନ୍ତସନ୍ତ

କାମାକ୍ଷାନଗର, ୨୪।୩ (ସମିସ)

ଢେଙ୍କନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଆଲତୁମା ଗାଁ ଛକ ନିକଟରେ ୬ ଘଣ୍ଟା ଧରି ସ୍ୱର୍ଣ୍ଣଲତା ନାମକ ଯାତ୍ରୀବାହୀ ବସ୍ ରାସ୍ତା ଉପରେ ଅଟକି ରହିଥିଲା । ବସଟି ରାଉରକେଲାରୁ ଭଦ୍ରକ ଜିଲ୍ଲା ଧାମନଗର ଯାଉଥିବା ବେଳେ ଘଟିଛି ଯାନ୍ତ୍ରିକ ତ୍ରୁଟି । ପ୍ରାୟ ୬ଘଣ୍ଟା ଧରି ହନ୍ତସନ୍ତ ହେଲେ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ । ଅନେକ ଛୋଟ ଛୋଟ ଶିଶୁଙ୍କ ସହ କିଛି ରୋଗୀ ମଧ୍ୟ ଖରାରେ ହନ୍ତସନ୍ତ ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବା ମଧ୍ୟ ଜଣାପଡ଼ିଛି । କିଛି ଯାତ୍ରୀଙ୍କୁ ସ୍ଥାନୀୟ ଲୋକମାନେ ଟ୍ରକ୍ ମାଧ୍ୟମରେ ନିଜ ଘରକୁ ପଠେଇବାକୁ ବ୍ୟବସ୍ଥା କରିଥିବା ବେଳେ ଅନ୍ୟ କିଛି ଯାତ୍ରୀ ପ୍ରାୟ ୬ଘଣ୍ଟା ଧରି ଅଖିଆ ଅପିଆ ପଡ଼ି ରହିଥିଲେ । ଯାହା ଫଳରେ କାମାକ୍ଷାନଗର ବାଇପାସ୍ ରାସ୍ତା ଦୀର୍ଘ ସମୟ ଧରି ଜାମ ହୋଇଥିଲା ।



# ବଞ୍ଚିବାର ବାଟ ଦେଖାଇଛି ବାଉଁଶ

ଜଗତସିଂହପୁର, ୨୪।୩(ସମିସ): ବର୍ତ୍ତମାନ ହସ୍ତଶିଳ୍ପର ଚାହିଦା କମିବା ନେଇ ଅଭିଯୋଗ ସହ କଞ୍ଚାମାଲର ଅଭାବ ଓ ଦରଦାମ ବୃଦ୍ଧିକୁ ଆଳ କରି ବହୁ ବୃତ୍ତିଧାରୀ ସେମାନଙ୍କ ବୃତ୍ତି ଛାଡିଛନ୍ତି। ପେଟ ନ ପୂରିବା ବାହାନାରେ ପୁରୁଷାନୁକ୍ରମେ ଶିଖିଥିବା କଳାକୌଶଳକୁ ପାଦରେ ଆଡେଇ ଦେଇ ବିଦେଶରେ ଦାଦନ ହେବାକୁ ପସନ୍ଦ କରୁଛନ୍ତି। ଏହି ପରିସ୍ଥିତିରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅଲଣାହାଟର ବାଉଁଶ କାରିଗରମାନେ ଗତ ୩୦ ବର୍ଷ ଧରି ହାତ ତିଆରି ବାଉଁଶ ସାମଗ୍ରୀ ପ୍ରସ୍ତୁତିକୁ ବୃତ୍ତି ଭାବରେ ଗ୍ରହଣ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି।



ଅଲଣା ହାଟର ୩ ବାଉଁଶ କାରିଗର କୈଳାସ ଜେନା, ରାଜନ ଜେନା ଓ ପ୍ରଦୀପ୍ତ ଗୋଛାୟତ ନିଜ ବାପାଙ୍କ ଠାରୁ ଶିଖିଥିବା ବାଉଁଶ ତିଆରି ସାମଗ୍ରୀ ପ୍ରସ୍ତୁତିକୁ ଜୀବନ ଜୀବିକା ଭାବରେ ଗ୍ରହଣ କରିଥିଲେ। ଏଗୁଡିକୁ ବୁଣିବା ପରେ ଗାଁ ଗାଁ ବୁଲି ବିକ୍ରି କରିବା ସହ ଏଥିରୁ ବେଶ ଭଲ ଭାବରେ ଚଳିଯାଉଥିଲେ। କରୋନା ଆସିବାପରେ ଲୋକମାନେ ଗାଁକୁ ପୁରାଇ ଦେଇନଥିଲେ। ଏପରିକି ମାସ୍କ ପିନ୍ଧିଲେ ମଧ୍ୟ ପୁଲିସ ବାଉଁଶ ସମଗ୍ରୀ ବୁଲି ବିକ୍ରିକରିବାକୁ ମନା କରିବାରୁ ଏହି କାରିଗର ମାନଙ୍କ ଚିନ୍ତା ବଢ଼ିଥିଲା। ରୋଜଗାର ହରାଇ ସେମାନେ ନିଜ ପିଲାଙ୍କ ସହିତ ବେସ କିଛିଦିନ ଭୋକ ଉପାସରେ ରହିବାକୁ ବାଧ୍ୟ ହୋଇଥିବା କୈଳାସ ଜେନା କହିଛନ୍ତି।

ତେବେ ବିପଦ ସମୟରେ ମନକୁ ଉପାୟ ଆସିଥାଏ ବୋଲି ବାଉଁସ କାରିଗର ରାଜନ ଜେନା କହିଛନ୍ତି। ଏହି ସମୟରେ ଭାଙ୍ଗିନପଡ଼ି ନିଜ ଘର ସମ୍ମୁଖରେ ବିକ୍ରି ହେଉନଥିବା ବାଉଁସ ସାମଗ୍ରୀକୁ ସେ ରଖିଥିଲେ। ତେବେ ଆବଶ୍ୟକତା ଭିତ୍ତିରେ ଲୋକମାନେ ପ୍ରଥମେ ଅଳ୍ପ ଅଳ୍ପ କରି କିଣୁଥିବା ସମୟରେ, ଏହାର ମାତ୍ର ଏକମାସ ପରେ ବାଉଁଶ ତିଆରି ହସ୍ତଶିଳ୍ପ ସାମଗ୍ରୀ ବହୁଳ ପରିମାଣରେ ବିକ୍ରି ହୋଇଥିଲା। ଆଗପରି ଆଉ ଗାଁକୁ ବୁଲାଇ ବିକ୍ରି କରିବାକୁ ପଡୁନଥିବାରୁ କାରୀଗରମାନେ ସେହିଦିନୁ ଏଠାରେ ବସି ସାମଗ୍ରୀ ପ୍ରସ୍ତୁତ କରିବା ସହିତ ବିକ୍ରି ବାଟା କରୁଛନ୍ତି। କାହାରି ପାଖରେ ହାତନପତାଇ ଏହି ବୃତିରୁ ନିଜେ ପ୍ରତିପୋହଣ ହେବା ସହିତ ପୁଅଝିଅଙ୍କୁ ପାଠ ପଢ଼ାଉଥିବା ପ୍ରଦୀପ ଗୋଛାୟତ ପ୍ରକାଶ କରିଛନ୍ତି। ଅଲଣାହାଟରେ ତିନିଟି ବାଉଁଶ ସାମଗ୍ରୀର ଦୋକାନ ଏହି କାରିଗରମାନେ ନିଜ ଘର ସମ୍ମୁଖରେ କରିଥିବା ବେଳେ ଏଠାରେ ଆବଶ୍ୟକ ଉପକରଣ ବିଭିନ୍ନ ସାଇଜର ଡାଲା, ଝୁଡି, କୁଲା, ବାଉଁଶିଆ, ଟୋକେଇ, ଝାମ୍ପ, ଖଇଛଡା, ଫୁଲଚାଙ୍ଗୁଡି ପ୍ରଭୃତି ବାଉଁଶ ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହିସବୁ ସାମଗ୍ରୀ ଇକୋ ଫ୍ରେଣ୍ଡଲି ହୋଇଥିବାବେଳେ ଏହାର ପାରମ୍ପାରିକ ଚାହିଦା ଓ ଅବଶ୍ୟକତା ରହିଥିବାରୁ ଆଜି ପର୍ଯ୍ୟନ୍ତ ଏହାକୁ ଜୀବିକା କରି ବଞ୍ଚି ଆସିଥିବା ବାଉଁଶ କାରୀଗରମାନେ ପ୍ରକାଶ କରିଛନ୍ତି।

ଗୋଟିଏ ବାଉଁଶ ୭୦/୮୦ ଟଙ୍କାରେ କିଣୁଥିବା ବେଳେ ଏଥିରୁ ୫ଟି ଝୁଡି କିମ୍ବା ୫ଟି କୁଲା ତିଆରି ହୋଇପାରିବ ବୋଲି କୈଳାସ ଜେନା କହିଛନ୍ତି। ଗୋଟିଏ ବାଉଁଶରୁ ତିଆରି ସାମଗ୍ରୀ ୫୦୦ ଟଙ୍କାରୁ ୬୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଏତିକି ସାମଗ୍ରୀ ବୁଣିବାକୁ ଜଣକୁ ଦୁଇଦିନ ଲାଗୁଥିବାରୁ ବାଉଁଶ କିଣାକୁ ବାଦ ଦେଲେ ଦିନକୁ ୩ଶହ ଟଙ୍କା ରୋଜଗାର କରୁଥିବା କହିଛନ୍ତି।

ତେବେ ପ୍ଲାଷ୍ଟିକ ଗୁରୁଡ଼ି, ପ୍ଲାଷ୍ଟିକ କୁଲା ପାଇଁ କିଛିଟା ବ୍ୟବସାୟ ପ୍ରଭାବିତ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣଭାବରେ ତାଙ୍କ ସାମଗ୍ରୀର ଚାହିଦା କମିନଥିବା କୈଳାସ ଜେନା ପ୍ରକାଶ କରିଛନ୍ତି। ଯେତେ ଦିନ ହାତ ଓ ପାଦ ଚାଲୁଥିବ ସେତେଦିନ ସେ ଏହି ବ୍ୟବସାୟ ଚଳାଇ ରଖିଥିବେ ବୋଲି କହିଛନ୍ତି। ଗାଁ ଗହଳିରେ ଏବେ ଅଧିକାଂଶ ଲୋକଙ୍କୁ ସରକାରୀ ଆବାସ ଯୋଜନାରେ କୋଠାଘର ମିଳୁଥିବାରୁ ଗୋଟା ବାଉଁଶ ତାର ଚାହିଦା ହରାଇଛି। ଏହି ବାଉଁଶକୁ ସେମାନଙ୍କ ଠାରୁ କିଣିଆଣି ଏଥିରେ ସୁନ୍ଦର ସୁନ୍ଦର ଘରକରଣା ସାମଗ୍ରୀ ତିଆରି କରିବା ଦ୍ୱାରା ବାଉଁଶର ବ୍ୟବହାର ବୃଦ୍ଧି ପାଇବା ସହ ବାଉଁଶ ଚାଷୀକୁ ବେଶ ଦୁଇପଇସା ମିଳିପାରୁଥିବା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।

## କୋଇଲା ବୋଝେଇ ଟ୍ରକ ଓଲଟିଲା



ପାରାଦୀପ, ୨୪।୩(ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଜଗତିଗଡ଼ା ନିକଟରେ ରବିବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଚାଳକଙ୍କ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଟ୍ରକ୍‌ଟିର ବିଶେଷ କ୍ଷତି ହୋଇ ନଥିବାବେଳେ ଏକ ବଡ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି।

## କବି କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ 'ସମ୍ପାଦନା ସମ୍ମାନ'



ତିର୍ତ୍ତୋଲ, ୨୪।୩(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମରୁ ଦୀର୍ଘ ୩୫ ଧରି ପ୍ରକାଶ ପାଉଥିବା ବାଲିଘର ପତ୍ରିକାର ସମ୍ପାଦକ ତଥା ବାଲିଘର ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କର ଦୀର୍ଘ ଦିନର ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀରାମ ଚନ୍ଦ୍ର ଭବନ କଟକ ପରିସରରେ ରେବା ରାୟ ଫାଉଣ୍ଡେନ ତରଫରୁ ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ 'ପ୍ରଶାନ୍ତ ମହାନ୍ତି ସମ୍ପାଦନା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଉତ୍ସବରେ ସଭାପତି ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ମହେଶ୍ୱର ମହାନ୍ତି, ଅତିଥି ଡ. ରାଜକିଶୋର ପାଢ଼ୀ, ଡ. ଶିଶିର ବେହେରା, ସୁସାହିତ୍ୟକ ରାଜୀବ ଷଡଙ୍ଗୀ, ତ୍ରିଲୋଚନ ମଥାନ, ଶଶଧର ପଣ୍ଡା, ନମିତା ମହାନ୍ତି ଓ ତପନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କବି ଶ୍ରୀ ସ୍ୱାଇଁଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଶ୍ରୀ ସ୍ୱାଇଁ ଦୀର୍ଘ ୫ଦଶନ୍ଧି ଧରି ଲେଖନୀ ଚାଳନା କରିଆସୁଥିବାବେଳେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଛାଫୁଲ, ନଟିଆ କେଳା, ଆସ ଫେରିଯିବା ଗାଁକୁ, କିଏ କହେ ତୁମେ ଶିଶୁ, ଆସିଛି ମୁଁ ଗପ ବାଲା, ଶାନ୍ତିର ଗୀତ ଗାଅ ଓ ଏଇ ମୋ ମାଟିର କଥା ଆଦି ପାଠକୀୟ ଆଦୃତି ଲାଭ କରିଛି।

## ଅଜଣା ଗାଡ଼ି ଧକ୍କାରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ

ପାରାଦୀପ, ୨୪।୩(ସମିସ): ପାରାଦୀପ ଅଠରବାଙ୍କୀ ନିକଟରେ ଗତକାଲି ବିଳମ୍ବିତ ରାତିରେ ଜଣେ ମାନସିକ ବିକୃତ ମହିଳାଙ୍କୁ କୌଣସି ଗାଡି ଧକ୍କା ଦେଇ ପଳାଇଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ଉକ୍ତ ମହିଳାଙ୍କ ମୃତଦେହ ଜବତ କରି ଶବ ସଂରକ୍ଷଣ ଗୃହରେ ରଖି ପରିଚୟ ଖୋଜୁଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ଜଗତସିଂହପୁର, ୨୪।୩(ସମିସ): ଏରସମା ବ୍ଲକ ନାରଦିଆ ପଞ୍ଚାୟତ (ପାଣିଏଣ୍ଡୁଳା) ପଞ୍ଚପଲ୍ଲୀ ଗ୍ରାମର ଧର୍ମପରାୟଣ ମହିଳା କମଳା ମହାପାତ୍ର (୯୦)ଙ୍କର ପାଣିଏଣ୍ଡୁଳା ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ପ୍ରଶାନ୍ତ ମହାପାତ୍ର (ମିଟ୍ଟୁ) ମୁଖାଗ୍ନି ଦେଇଥିଲେ।

● ପଣ୍ଡିତ ରଘୁନାଥ ମୁର୍ମୁ ରାଇଜିଂ ସ୍ପୋର୍ଟିଂ କ୍ଲବ ଫୁଟବଲ

## ବାରିପଦା ଚାମ୍ପିଅନ; କେନ୍ଦୁଝର ରନର୍ସଅପ୍



ପାରାଦୀପ, ୨୪।୩(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ରାଇଜିଙ୍ଗ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୩ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ସବ୍‌ଷ୍ଟେସନ ଛକ ନିକଟ ବାଲିପଡ଼ିଆଠାରେ ଅନୁଷ୍ଠିତ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଭାଗ ନେଇଥିବା ବେଳେ ଆଜି ଫାଇନାଲ ମ୍ୟାଚ ରାହଲ ଗଡ଼ା ଏଫ୍‌ସି ବାରିପଦା ଓ ମିଶନ ଇଲେଭେନ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାହଲ ଗଡ଼ା ଏଫସି ଚାମ୍ପିଅନ ହୋଇଥିବା ବେଳେ ମିଶନ ଇଲେଭେନ ରନର୍ସ ଅପ୍ ହୋଇଥିଲା। ଉଦଯାପନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌରାଧ୍ୟକ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାଉନସିଲର ଅଜିତ ଷଡ଼ଙ୍ଗୀ, ମନୋଜ ନାୟକ, ସୁଶାନ୍ତ ଦାସ, ଚପଳା ସ୍ୱାଇଁ, ମନୋଜ ବେହେରା, ବିଶ୍ୱନାଥ ବଳ, ଆଲୋକ ମହାପାତ୍ର, ଅଟଳ ପରିଡ଼ା, ସରୋଜ ପରିଡ଼ା, କମଳିନୀ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପୌରାଧ୍ୟକ୍ଷ ବିଶ୍ୱାଳ ଚାମ୍ପିଅନ ଟିମ୍‌କୁ ଟ୍ରଫି ସହିତ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ଜଗତସିଂହପୁର, ୨୪।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ ଡ଼କ୍ଟର ରବର୍ଟ କୋଚ୍‌ଙ୍କ ସ୍ମୃତିରେ ପ୍ରତିବର୍ଷ ପାଳନ କରାଯାଉଛି। କାରଣ ୨୪ ମାର୍ଚ୍ଚ ୧୮୮୨ ରେ ରବର୍ଟ କୋଚ ମାଇକୋବାକଟେରୀଭନ ଟ୍ୟୁବେରିକୁଲୋସିସ ଆବିଷ୍କାର କରିଥିଲେ ବୋଲି ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ କହିଥିଲେ। ଡ. ଦାଶ ଆହୁରି କହିଲେ ଯେ, ଯକ୍ଷ୍ମାରୋଗର ନିରାକରଣ ପାଇଁ ଅଧିକରୁ ଅଧିକ ଯକ୍ଷ୍ମା ସନ୍ଦିଗ୍ଧଙ୍କ ରେଫରାଲ ବୃଦ୍ଧି ଆବଶ୍ୟକ ଏବଂ ସମାଜରେ ସଚେତନତାକୁ ମଧ୍ୟ ବୃଦ୍ଧି କରିବା ଦ୍ୱାରା ଭେଦଭାବ ହ୍ରାସ ହୋଇପାରିବ ଏବଂ ଲୋକମାନେ ଜାଗ୍ରତ ହୋଇପାରିବେ। ଏଡିପିଏଚଓ (ଟିବି) ଡା. ରଶ୍ମିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ ଜିଲ୍ଲାରେ ଯକ୍ଷ୍ମା ରୋଗର ନିରାକରଣ ଓ ଚିକିତ୍ସା ସମସ୍ତ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲାର ୩୫ ଜଣ ଯକ୍ଷ୍ମା ବିଜେତା ଭାଗ ନେଇଥିଲେ। ଷ୍ଟାଫ ବିପିନବିହାରୀ ପାତ୍ର, ମହମ୍ମଦ ୱାକର ଅଲି, ସୁଶୀଲ କୁମାର ସ୍ୱାଇଁ, ତପନ ମଲ୍ଲିକ, ସଞ୍ଜୟ ବିଶ୍ୱାଳ, ବିଜୟଲକ୍ଷ୍ମୀ ସାମଲ, ଶୁଭ୍ରାଂଶୁ ଶେଖର ନାୟକ ଓ ହେମନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ବିପିନବିହାରୀ ପାତ୍ର ଯକ୍ଷ୍ମା ରୋଗର ଲକ୍ଷଣ ଏବଂ ଯକ୍ଷ୍ମା ବିଲୋପ ଦିଗରେ ଜିଲ୍ଲାର ସଫଳତା ବିଷୟରେ ଆଲୋଚନା କରିଥିଲେ। ମହମ୍ମଦ ୱାକର ଅଲ୍ଲି ସଭା ପରିଚାଳନା କରିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିପାଟଣା ହୋମିଓପାଥିକ ଚିକିତ୍ସାଳୟରେ ଅବ୍ୟବସ୍ଥା

## ସପ୍ତାହକୁ ଦିନେ ଆସୁଛନ୍ତି ଡାକ୍ତର, ରୋଗୀ ନିରାଶ

ବାଲିକୁଦା, ୨୪।୩(ସମିସ): ବାଲିକୁଦା ବ୍ଲକର ଉପକୂଳ ଅଞ୍ଚଳ ବାଲିପାଟଣାଠାରେ ଥିବା ସରକାରୀ ହୋମିଓପ୍ୟାଥିକ୍ ମେଡିକାଲ ଏବେ ନାହିଁ ନଥିବା ଅବ୍ୟବସ୍ଥା ଦେଇ ଗତି କରୁଛି। ଏଠାରେ ଥିବା ଡାକ୍ତର ଗୁରୁପ୍ରସାଦ ଆଚାର୍ଯ୍ୟ ସପ୍ତାହକୁ ଦୁଇଥର ମଙ୍ଗଳବାର ଓ ଶୁକ୍ରବାର ଆସୁଥିଲେ। ସେ ଗତ ୬ ମାସ ତଳେ ଅବସର ଗ୍ରହଣ କରିଛନ୍ତି। ସେହିଦିନଠାରୁ ଡାକ୍ତରଖାନା ଡାକ୍ତର ଶୂନ୍ୟ ହୋଇ ରହିଥିଲା। ବିଭାଗକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଅସ୍ଥାୟୀ ଭାବେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସେ କେବଳ ଶୁକ୍ରବାର ୧୦ ଘଟିକା ଠାରୁ ୧ଟା ପର୍ଯ୍ୟନ୍ତ ଆସି ଚିକିତ୍ସା କରୁଛନ୍ତି। ଫଳରେ ପୂର୍ବରୁ ମଙ୍ଗଳବାର ଡାକ୍ତର ଥିବା ଭାବି ଅନେକ ରୋଗୀ ଦୁରଦୂରାନ୍ତରୁ ଆସି ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି। ଯାହାକି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ବଖାଣୁଛି।

ଏହି ମେଡିକାଲ ଉପରେ ପ୍ରାୟତ ଉପକୂଳ ଅଞ୍ଚଳର ୮ ପଞ୍ଚାୟତ ଓଷକଣା, ଖାଲଗାଁ, ଅପଣ୍ଡରା, କୁସୁପୁର, ଅନନ୍ତପୁର, ବରମୁଣ୍ଡଳୀ, ନାହରଣା, ମରିଚପୁରର ୪୦ ହଜାର ଲୋକେ ନିର୍ଭର କରୁଥିବା ବେଳେ ଅନେକ ସମୟରେ ମାଗଣା ଚିକିତ୍ସା ପାଇଁ ଗରିବ ମଧ୍ୟବିତ ଶ୍ରେଣୀର ଲୋକେ ଧାଇଁ ଆସିଥାନ୍ତି। ସେମାନଙ୍କ ବିଶ୍ୱାସ ରହିଛି ହୋମିଓପ୍ୟାଥିକ୍ ଚିକିତ୍ସା ଦ୍ୱାରା ବିଭିନ୍ନ ରୋଗ ମୂଳରୁ ଭଲ ହୋଇଥାଏ। ଏହି ମେଡିକାଲରେ ଥିବା ଜଣେ କର୍ମଚାରୀଙ୍କ ଦ୍ୱାରା କିଛି ରୋଗୀ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିବା ବେଳେ ରୋଗୀ ସୁସ୍ଥ ହେଉ ନଥିବା ବିଭିନ୍ନ ସମୟରେ ଅଭିଯୋଗ ଆସିଛି। ଏନେଇ କୌଣସି ଅଧିକାରୀଙ୍କ ସହ ଯୋଗା ଯୋଗ ହୋଇ ପାରି ନଥିବା ବେଳେ ମେଡିକାଲରେ କାର୍ଯ୍ୟରତ କର୍ମଚାରୀ ଜଣଙ୍କ ଶୀଘ୍ର ଡାକ୍ତର ପଦବୀ ପୂରଣ ହେବ ବୋଲି ତାଙ୍କୁ ଉପରିସ୍ଥ ଅଧିକାରୀ କହିଥିବା କହୁଛନ୍ତି।



ତୁରନ୍ତ ଡାକ୍ତର ନିଯୁକ୍ତି ଦାବି କରିଛନ୍ତି ବରମୁଣ୍ଡଳୀ ପଞ୍ଚାୟତର ସରପଞ୍ଚ ରାଜଶ୍ରୀ ଖଟୁଆ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସେନାପତି, ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଳ, ପୂର୍ବତନ ସମିତି ସଭ୍ୟ ରାଜୁ ମିଶ୍ର, ବନ୍ଧୁ ଚରଣ ନାୟକ, ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ ଓ ଭଏସ ଅଫ ବାଲିକୁଦା ସଭାପତି କିଶୋର ମହାନ୍ତି ଓ ପ୍ରଶାନ୍ତ ରାଉତ ପ୍ରମୁଖ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୂର୍ବତନ ଛାତ୍ର ସଂସଦ କର୍ମକର୍ତ୍ତା ନିର୍ବାଚନ

ବିରିଡି, ୨୪।୩(ସମିସ): ବିରିଡି ବ୍ଲକ କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିରିଡି ପରିସରରେ ପୁରାତନ ଛାତ୍ର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାମୀ ଚିନ୍ମୟୀ ସରସ୍ୱତୀ ସମ୍ମାନୀତ ଅତିଥିରୁପେ ଯୋଗଦେଇ ବିଦ୍ୟାଳୟ ଛାତ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡ ବୈଠକର ଆଭିମୁଖ୍ୟ ପ୍ରଦାନ କରିବା ସହିତ ସଭାପତି ବାମଦେବ ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଡ. ତୋଫାନ କୁମାର ଜେନା ପୂର୍ବତନ ଛାତ୍ରମାନଙ୍କର ବିଦ୍ୟାଳୟ ଉନ୍ନତି ଦିଗରେ ସହଭାଗିତା ଆଶା କରି ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଶୁଭସ୍ମିତା ରଥ ମଞ୍ଚ ପରିଚାଳନା କରିବା ସହିତ ଆଚାର୍ଯ୍ୟ ପ୍ରତିନିଧି ଦିବ୍ୟଜ୍ୟୋତି ରାଉତରାୟ ମଞ୍ଚାସୀନ ଅତିଥିଙ୍କ ପରିଚୟ ରଖିଥିଲେ। ପରିଚାଳନା ସମିତିର ସଦସ୍ୟ ଅଞ୍ଜନ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପୂର୍ବ ଛାତ୍ର ପରିଷଦର ସଂଯୋଜକ ରୂପେ ଦିନେଶ କୁମାର କର, ସହ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ରାଉତରାୟ ଓ ଜୟନ୍ତ କୁମାର ଜେନା ଏବଂ କୋଷାଧ୍ୟକ୍ଷ ରୂପେ ଦିବ୍ୟାନୁ ରଞ୍ଜନ ବେହେରା ଚୟନିତ ହୋଇଥିଲେ। ପୂର୍ବ ଛାତ୍ର ପରିଷଦର ପ୍ରମୁଖ ଦାୟିତ୍ୱରେ ବିଦ୍ୟାଳୟର ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ସେବକ ସେବିକାଙ୍କର ପୂର୍ଣ୍ଣ ସହଯୋଗରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସାଫଲ୍ୟମଣ୍ଡିତ ହୋଇଥିଲା।




## ମାଳହାଟ ନୂତନ ମନ୍ଦିର ପାଇଁ ପହଞ୍ଚିଲା ଚତୁର୍ଦ୍ଧାମୂର୍ତ୍ତି



ରଘୁନାଥପୁର, ୨୪।୩(ସମିସ): ଉତ୍ତରକୂଳ ପଞ୍ଚାୟତ ମୁଗୁରିଆ ସ୍ଥିତ ମାହାଳହାଟଠାରେ ନୂତନ ଭାବେ ନିର୍ମାଣ ହେଉଥିବା ଜଗନ୍ନାଥ ମନ୍ଦିରର ନବକଳେବର ପାଇଁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କରଙ୍କ ମୂର୍ତ୍ତୀ ଶ୍ରୀକ୍ଷେତ୍ର ପୁରୀରୁ ଆସି ଗତକାଲି ମନ୍ଦିର ନିକଟରେ ପହଞ୍ଚିଛି। ଚତୁର୍ଦ୍ଧା ମୂର୍ତ୍ତୀ ଆସି ମହାନଦୀ ଚିତ୍ରାଙ୍ଗତଟ ନିକଟରେ ପହଞ୍ଚିବା ପରେ ଭଜନ କୀର୍ତ୍ତନ ସହ ଭକ୍ତଙ୍କ ଗହଣରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯିବା ପରେ ମନ୍ଦିର ନିକଟରେ ପହଞ୍ଚି ଚତୁର୍ଦ୍ଧା ସ୍ଥାପନ କରାଯାଇ ଧାନ୍ୟାଧିବାସ କରାଯାଇଅଛି। ଆଗାମୀ ଦିନରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପ୍ରତିଷ୍ଠା କରାଯିବ। ମୁଖ୍ୟ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ୬ଗୋଟି ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

୨୧ତମ ଜାତୀୟ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା 'କ୍ୟାନ୍‌ଫେଷ୍ଟ'

## ଦର୍ଶକଙ୍କ ମନମୋହିଲା 'କ୍ୟା କରେଗା କାଜୀ'

ପାରାଦୀପ, ୨୪।୩(ସମିସ): ପ୍ରେମ ଏକ ଭାବନାକୁ ବୁଝାଇଥାଏ। ଏହାଛଡା ବ୍ୟକ୍ତିଗତ ସ୍ନେହ ଓ ସଂଯୋଗକୁ ମଧ୍ୟ ପ୍ରେମ କୁହାଯାଏ। ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, ବିଶ୍ୱାସ, ସ୍ନେହ, ପ୍ରଣୟ ହେଉଛି ପ୍ରେମର ଏକ ରୂପ। କେତେବେଳେ କାହାକୁ ଯେ କାହା ସହ ପ୍ରେମ ହୋଇଯାଏ ତାହା ଜଣା ନଥାଏ। କ୍ୟାନମାସ ଦ୍ୱାରା ଆୟୋଜିତ କାନଫେଷ୍ଟର ଜୟଦେବ ସଦନଠାରେ ଷଷ୍ଠ ଦିନରେ ମଞ୍ଚସ୍ଥ ହୋଇଛି ନାଟକ 'କ୍ୟା କରେଗା କାଜୀ'। ଅଜୟ ମାଲକାନି ନିର୍ଦ୍ଦେଶିତ ଯୁଭା ରଙ୍ଗମଞ୍ଚ, ରାଞ୍ଚି ଗ୍ରୁପ ନାଟକ କ୍ୟା କରେଗା କାଜିରେ ଜଣେ ଯୁବ ଆରିଷ୍ଟୋକ୍ରାଟ୍ ବିଷୟରେ କୁହାଯାଇଛି ଯିଏ ଲକ୍ଷ୍ନୌର ଏକ ସୁନ୍ଦର ଝିଅ ରୋଶନୀଙ୍କୁ ଭେଟିଥାଏ ଏବଂ ଦୁହେଁ ପରସ୍ପରକୁ ଭଲ ପାଆନ୍ତି। କ୍ୟା କରେଗା କାଜୀ ହେଉଛି ଫରାସୀ ଡ୍ରାମା ଦ ବାରବର୍ ଅଫ୍ ସେଭିଲର ଏକ ହିନ୍ଦୁସ୍ତାନୀର ଚିରାଚରିତ ନାଟକ। ଅଷ୍ଟାଦଶ ଶତାବ୍ଦୀରେ ଲିଖିତ ଏହି ଡ୍ରାମା, ଯୁବା ପ୍ରେମର ଲିବରେନଙ୍କ କାହାଣୀକୁ ଏକ ହାସ୍ୟାସ୍ପଦ ଶାସନରେ ଅନେକ ଯୁଗରୁ ଶାସନ କରୁଥିବା କାହାଣୀକୁ ଦର୍ଶାଯାଇଛି। ଏହି ନାଟକରେ ନିର୍ଦ୍ଦେଶକ ରୋଶନି ଚରିତ୍ରକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଅନାଥ ଆଶ୍ରମରେ ଜନ୍ମ ହେଇଥିବା ଝିଅ ରୋଶନିକୁ ଚିକିତ୍ସକ ବାବାନ ଖାନ ଲାଳନ ପାଳନ କରିଛନ୍ତି। ଏବଂ ପରବର୍ତ୍ତୀ ସମୟରେ ରୋଶନିଙ୍କୁ ପାଇବାକୁ ଚେଷ୍ଟା କରିଛି ଓ ତାଙ୍କୁ ବିବାହ କରିବାକୁ ଯୋଜନା କରୁଥିବାବେଳେ ରୋଶନୀ ନିଜକୁ ବଞ୍ଚାଇବାକୁ ଯେଉଁ ସଂଘର୍ଷ କରିଛି ତାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ସମାଜରେ ଗୋଟେ ଝିଅ ନିଜ ପ୍ରେମ ପାଇଁ କିପରି ଏକୁଟିଆ ଲଢୁଛି ତାହା ଖୁବ୍ ନିକଟରୁ ଉପସ୍ଥାପନା କରଯାଇଛି ଏହି ନାଟକରେ। ଏତେ ସବୁ ବାଧା ବିଘ୍ନତା ପରେବି ଆରିଷ୍ଟୋକ୍ରାଟ୍ ଓ ରୋଶନୀ ପ୍ରେମ କାହାଣୀ ବିବାହରେ ପରିଣତ ହେଇଛି ଏହାକୁ ନାଟକ ମାଧ୍ୟମରେ ଦେଖାଇ ଦର୍ଶକଙ୍କ ମନରେ ପ୍ରେମ ପାଇଁ ସଂଘର୍ଷର ବାର୍ତ୍ତା ପ୍ରଦାନ କରିଛନ୍ତି ନିର୍ଦ୍ଦେଶକ।କାନମାସ ଦ୍ୱାରା ଆୟୋଜିତ ଆଜିର ଏହି ଷଷ୍ଠ ସନ୍ଧ୍ୟା ନାଟକ ରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଓ ପାରାଦୀପ ଜେଏସଡବ୍ଲୁର ମୁଖ୍ୟ ମନୀଷ ଗୁପ୍ତା ଉପସ୍ଥିତ ଥିଲେ।



# ରାଧାକୃଷ୍ଣଙ୍କ ମେଳଣ ଉତ୍ସବ



**ପାଲଲହଡ଼ା ୨୪ ।୩(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ସଦର ମହକୁମା ଠାରେ ଦୋଳ ଉତ୍ସବ ଅବସରରେ ରାଧାକୃଷ୍ଣଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜା ରାଜୁଡ଼ା ଅମଳରୁ ଚାଲିଆସିଥିବା ଏହି ମେଳଣ ରେ ଆଖାପାଖ ଗାଁ ର ୯ ଗୋଟି ବିମାନ ଯୋଗଦେଇଥିଲେ । ଶୁକ୍ରବାର ସଦର ମହକୁମା ସ୍ଥିତ ବଳଦେବଜୀଉ ମନ୍ଦିରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ରାଧାକୃଷ୍ଣଙ୍କ ବିମାନ ସାହି ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମେଳଣ ପଡ଼ିଆରେ ପହଞ୍ଚିଥିଲେ । ସେହିପରି ଗ୍ରାମାଞ୍ଚଳରୁ ଆସିଥିବା ସମସ୍ତ ବିମାନ ସହର ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ । ଶନିବାର ସକାଳୁ ମେଳଣ ପଡିଆରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ସମସ୍ତ ବିମାନ ବାଜା ରୋଷଣୀରେ ସହର ପରିକ୍ରମା କରି ନିଜନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପାଲଲହଡ଼ା ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁଶାନ୍ତ ପତି ମେଳଣ ପଡିଆରେ ଉପସ୍ଥିତ ରହି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।

# ସାହାରାଗୁଡ଼ାରେ ଦୁଇଶହ ବର୍ଷର ମେଳଣ ଯାତ୍ରା

**ଅନୁଗୋଳ, ୨୪ ।୩(ସମିସ)**

ଅନୁଗୋଳ ଜିଲ୍ଲା ବନ୍ତଲା ପଞ୍ଚାୟତର ସାହାରାଗୁଡ଼ା ଗ୍ରାମରେ ଆଜକୁ ଦୀର୍ଘ ଦୁଇଶହ ବର୍ଷ ହେଲା ମେଳଣ ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ମଧ୍ୟଭାଗରେ ଥିବା ଏକ ପଡ଼ିଆରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା ସହ ବିମାନ ଯୋଗେ ପ୍ରଭୁ ରାଧାକୃଷ୍ଣଙ୍କୁ ପଡିଆ ମଧ୍ୟକୁ ଅଣାଯାଇଥିଲା । ସେଠାରେ ଅନ୍ୟ ଗ୍ରାମରୁ ମଧ୍ୟ ପରମେଶ୍ୱର ତଥା ରାଧାକୃଷ୍ଣଙ୍କୁ ଆଣି ଏକାଠି ରଖି ମେଳଣ କରାଯାଇଥିଲା । ରାତି ଆଠଟାରେ ବାଦ ଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାତି ସାରା ଏହି ବାଦ ଦଣ୍ଡକୁ ଲୋକେ ମନ ଭରି ଉପଭୋଗ କରିଥିଲେ । ଏହି ଯାତ୍ରାରେ ଶାବଳ ଭଙ୍ଗା, କୁମୁରିସିହାଁ ବନ୍ତଲା, ଲାଛବନ୍ଧ, ଜରାରପୁରୁ , ପୁକତୁଙ୍ଗା ଇତ୍ୟାଦି ଆଖପାଖ ଗ୍ରାମରୁ ବହୁ ଲୋକ ଯୋଗଦେଇଥିଲେ ।



# 'ମା' ମାଟିର ଡାକ' କାର୍ଯ୍ୟକ୍ରମ




**କାମାକ୍ଷାନଗର, ୨୪ ।୩ (ସମିସ) :** ଢେଙ୍କନାଳ ଜିଲ୍ଲାର କାମାକ୍ଷାନଗର ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ଚାଟାର୍ଡ ଆକାଉଣ୍ଟଙ୍କ ଗାଁ ଭାବେ ପରିଚିତ କାମାକ୍ଷାନଗର ଉପଖଣ୍ଡର ଗୋବିନ୍ଦପୁର ଗ୍ରାମରେ ଭାଇଚାରା, ସଂସ୍କୃତି, ସାହିତ୍ୟକୁ ସ୍ମରଣ କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ରାମେଶ୍ୱର ମନ୍ଦିର ଠାରେ ଏକ ବନ୍ଧୁମିଳନ ମା' ମାଟିର ଡାକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ତଥା ଦେଶବିଦେଶରେ ରହୁଥିବା ସମସ୍ତ ଗ୍ରାମବାସୀଙ୍କୁ ନେଇ ଏହି ନିଆରା କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯିବା ସହ ଗ୍ରାମର ଇତିହାସ ବହି ଉନ୍ମୋଚନ, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା, ଗ୍ରାମର ଯୁବ ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଗ୍ରାମର ରାଜନାରାୟଣ ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗାଁ ବାହାରେ ବସବାସ କରୁଥିବା ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗ୍ରାମର ବରିଷ୍ଠ ବୈଜ୍ଞାନିକ ତଥା ଇସ୍ରୋରେ ଚନ୍ଦ୍ରୟନ -୩ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶରତ ଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଗାଁର ସୁନାମ ବଢ଼ାଇଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମର୍ଦ୍ଧିତ କରାଯାଇଥିଲା ।

# ମା' ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ଲାଗି ପ୍ରସ୍ତୁତି ବୈଠକ

**ଛେଣ୍ଡିପଦା, ୨୪ ।୩(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ପାତ୍ରପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗ୍ରାମର ହିଙ୍ଗୁଳା ମନ୍ଦିର ପ୍ରାଙ୍ଗଣରେ ଗ୍ରାମ୍ୟ କମିଟିର ସଭାପତି ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଅପ୍ରେଲ ୧୦ ତାରିଖ ଦିନ ଏହି ବାର୍ଷିକ ପୂଜା ଓ ଯାତ୍ରା ଅନୁଷ୍ଠିତ ହେଉଛି । ୯ତାରିଖରେ କଳସ ଯାତ୍ରା ଓ ଅଧିବାସ ସହ ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ । ପ୍ରସ୍ତୁତି ବୈଠକରେ ଗ୍ରାମ୍ୟ ପରିଚାଳନା କମିଟିର କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଚଳିତ ବର୍ଷ ଅନୁଷ୍ଠିତ ହେବକୁ ଥିବା ମା'ବାୟାଣୀ ଠାକୁରାଣୀଙ୍କ ବାର୍ଷିକ ପୂଜାରେ ଦୋକାନ ବଜାର ନିମନ୍ତେ ବ୍ୟବସାୟୀଙ୍କ ପାଇଁ ଅପ୍ରେଲ ୮ତାରିଖ ୧୦ଟାରେ ଦୋକାନ ଗୁଡିକ ବିତରଣ କରିବା ପାଇଁ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ତେଣୁ ସମସ୍ତ ଦୋକାନ ବ୍ୟବସାୟୀ ଦେୟ ପଇଠ କରି ନିଜ ନିଜର ସ୍ଥାନ ନେବା ପାଇଁ କମିଟି ପକ୍ଷରୁ କୁହାଯାଇଛି । ପୂଜା ଓ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଭକ୍ତ ଓ ବ୍ୟବସାୟୀଙ୍କୁ ସଭାପତିଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ସମ୍ପାଦକ ବିଭୁତି ଭୂଷଣ ସାହୁ, କୋଷାଧ୍ୟକ୍ଷ ଯଦୁମଣି ସାହୁ, ହେଡ଼ ବେହେରା ଶ୍ରୀନିବାସ ସାହୁ, ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ସାହୁ, ଘାସିରାମ ସାହୁ, ବ୍ରଜବନ୍ଧୁ ସାହୁ, ବାସୁଦେବ ସାହୁ ବାନାମ୍ବର ସାହୁ, ଚିନ୍ତାମଣି ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଖିଜୁ ସାହୁ, ରବିନ୍ଦ୍ର କୁମାର ସାହୁ, ପ୍ରଫୁଲ ଦେହୁରୀ, ଧୀରେନ କୁମାର ସାହୁ, ଜଗବନ୍ଧୁ ସାହୁ, ଶିବରାମ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ ।



# କଳାକାରଙ୍କ ସମସ୍ୟା ନେଇ ଆଲୋଚନା

**କଣିହାଁ, ୨୪ ।୩(ସମିସ):** ଜିଲ୍ଲା କଳାକାର ସାମୁଖ୍ୟ କଣିହାଁ ଶାଖା ତରଫରୁ ବ୍ଲକ କଳା ସଂସ୍କୃତି ସଂଘ କଳାକାର କୁ ନେଇ ରବିବାର ର ଝରାବେରଣୀ କଲ୍ୟାଣ ମଣ୍ଡପ ଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ର ବହୁ କଳାକାର ବିଭିନ୍ନ ପଞ୍ଚାୟତ ର ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ । ରାଜ୍ୟ ସରକାର ଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ସଦ୍ୟ ବିଜ୍ଞାପନ ଅନୁସାରେ କିପରି ଆବେଦନ କରିବେ, ଭାଗବତ ଟୁଙ୍ଗୀ ଅନୁଦାନ ପାଇଁ କେମିତି ଆବେଦନ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଅନେକ ଥର ଆବେଦନ କରି ନିରାଶ ହେବା ପ୍ରସଙ୍ଗ ଉଠେଇ ଥିଲେ କଳାକାର । କଣିହାଁ ବ୍ଲକ ତରଫରୁ ମଧ୍ୟ ରାଜ୍ୟ ସରକାର ଙ୍କୁ ଅନୁରୋଧ ପତ୍ର ଦେବାକୁ ନିଷ୍ପତି ହେଲା । ଖୁବ୍ ଶୀଘ୍ର କଳାକାର ଙ୍କ ନିରାଶ ଭାଙ୍ଗିବାକୁ ଏକ ସାଂସ୍କୃତିକ ସମାବେଶ କରିବାକୁ ନିଷ୍ପତି ହେଲା । ଆଗାମୀ ଏପ୍ରିଲ ମାସ ପ୍ରଥମ ସପ୍ତାହରେ ହେବାକୁ ସ୍ଥିର ହୋଇଛି । ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ କେବଳ ଅଣ କଳାକାର ଙ୍କୁ ବରିଷ୍ଠତା କୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଯୋଗ୍ୟ ବିବେଚିତ ଭିତ୍ତିରେ ଦେବାକୁ ଅନୁରୋଧ କରାଯିବ । ନିର୍ବାଚନ ଆଚରଣ ବିଧି ଉଲଙ୍ଘନ ନ କରି ବାକୁ ତାଗିଦ୍ କରିଥିଲେ ସଭାପତି । କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ସ୍ଥାଣୁ ଅବସ୍ଥା ପାଇଁ ଦୁଃଖ ପ୍ରକାଶ କରିଛନ୍ତି କଳାକାର । ଆଜିର ବୈଠକ ରେ ଜିଲ୍ଲା କଳାକାର ସାମୁଖ୍ୟ, ଅନୁଗୋଳ ସଭାପତି ଡଃ.ନବଘନ ସାମଲ, ନିଖିଳ ଓଡିଶା ପାଇକ ଆଖଡ଼ା ମହାସଂଘ କଣିହାଁ ମଣ୍ଡଳ ସଭାପତି ନବଘନ ବିଶି, ଜିଲ୍ଲା ଉପସଭାପତି ଶ୍ରୀମତୀ ଶାନ୍ତିଲତା ଦାଶ, ସହ ସଂପାଦିକା ମଲ୍ଲି ରାଣୀ ସାହୁ, ସୁଜାତା ଗଡ଼ନାୟକ, ମା ହିଙ୍ଗୁଳା ପାଲା ଗାୟକ ସଂଘ ସଭାପତି ଶ୍ରୀଯୁକ୍ତ ବିଦ୍ୟାଧର ସାହୁ, ଉପସଭାପତି କ୍ଷିରୋଦ ପ୍ରଧାନଙ୍କ, ସହ ପୂର୍ଣ୍ଣ ଚନ୍ଦ୍ର ସାହୁ, ସୁମତୀ ସିଂହ, ଗୋଲେଖ ନାଏକ, ଉପେନ୍ଦ୍ର ସାହୁ, ପ୍ରସନ୍ନ ଦାଶ, ଅନିତା ସାହୁ, ମମତା ଦାଶ ଆଦି ଶତାଧିକ କଳାକାର ଉପସ୍ଥିତ ଥିଲେ ।



# ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲର ଶୁଭାରମ୍ଭ




**କିଶୋରନଗର ୨୪ ।୩(ସମିସ):** କିଶୋରନଗର ବ୍ଲକର ପାଣ୍ଡୁରୀପଥର ଟାଇଲ ଫାକ୍ଟେରୀ ଠାରେ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଅଧକ୍ଷ ପ୍ରାଣବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କାଶୀନାଥ ପ୍ରଧାନ, ସିଆରସିସି ବବ୍ରୁବାହାନ ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଝରାବେରଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଂଜିତ ସାହୁ ମଞ୍ଚ ପରିଚାଳନା କରିଥିଲେ ।, ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ପ୍ରଧାନ, ଅର୍ଚ୍ଚନା ମିଶ୍ର, ନୂତନ ଛାତ୍ରଛାତ୍ରୀ, ଅଭିଭାବକମାନେ ଉପସ୍ଥିତ ଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା, ୨୪ ।୩ (ସମିସ):** ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରୁ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଅଭିଯୋଗରେ ଅନୁଗୋଳ ସଦର ଥାନା ଅଞ୍ଚଳର କନ୍ଦର୍ପ ପ୍ରଧାନଙ୍କୁ ଗିରଫ କରିଛି । ଏଥିସହ ତାଙ୍କ ବାଇକକୁ ଜବତ କରାଯାଇଛି । ସେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୁଲିସ ତାଙ୍କୁ ଯାଞ୍ଚ କରି ଗିରଫ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରାଯାଇଛି ।

## ମଦ ଜବତ, ୨ ଗିରଫ

ବଇଣ୍ଡା, ୨୪ ।୩ (ସମିସ): କିଶୋରନଗର ପୁଲିସ କରମଳକଟା ଗ୍ରାମରେ ଚଢ଼ଉ କରି ଯୁଧିଷ୍ଠିର ପ୍ରଧାନଙ୍କ ଘରୁ ୧୦ ଲିଟର ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି । ସେ ଘରେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ପୁଲିସ ଚଢ଼ଉ କରିଥିଲା । ସେହି ଗ୍ରାମର ପ୍ରଦୀପ ସାହୁଙ୍କ ଘରୁ ୪୫ ଟି ପାଉଚ ମଦ ଜବତ କରାଯାଇଛି । ଏଥିସହ ତାଙ୍କୁ ଗିରଫ କରାଯାଇଛି । ସେ ବେଆଇନ ଭାବରେ ଘରେ ମଦ ବିକ୍ରି କରୁଥିବା ବେଳେ ପୁଲିସ ଖବର ପାଇଁ ଚଢ଼ଉ କରିଥିଲା । ଏ ନେଇ ନମ୍ବର ୬୯/୨୪ ଓ ୭୦/୨୪ ରେ ଦୁଇଟି ମାମଲା ରୁଜୁ କରାଯାଇଛି ।

## ପୂର୍ବତନ ଫାର୍ମାସିଷ୍ଟ ବିନୋଦ ସରଙ୍କ ପରଲୋକ

**ଅନୁଗୋଳ, ୨୪ ।୩ (ସମିସ):** ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଷ୍ଟୋର ଫାର୍ମାସିଷ୍ଟ ବିନୋଦ କୁମାର ସରଙ୍କ ଆଜି ପୂର୍ବାହ୍ନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା । ଗତ କିଛି ବର୍ଷ ଧରି ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଗତ ଶନିବାର ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ । ଆଜି ତାଙ୍କର ପରଲୋକ ଘଟିଥିଲା । ତାଙ୍କ ଘର ଢ଼େଙ୍କାନାଳ ଜିଲ୍ଲାରେ ହୋଇଥିବା ବେଳେ ସେ କୁରୁଡୋଲ ଅଞ୍ଚଳରେ ରହୁଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ

କିଶୋରନଗର, ୨୪ ।୩(ସମିସ): ଆଠମଲ୍ଲିକ ଉପଖଣ୍ଡ କିଆକଟା ପଞ୍ଚାୟତ ହେଲେଇ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ । ଭକ୍ତମାନଙ୍କ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇ ଥିଲା ।

## ଆଇଆଇଟି ପ୍ରବେଶିକା ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

**ବିଞ୍ଝାରପୁର, ୨୪।୩(ସମିସ):** ସର୍ବଭାରତୀୟ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ବିଞ୍ଝାରପୁର ଛାତ୍ର କୃତିତ୍ୱ ହାସଲ କରିଛନ୍ତି । ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମର ନାରାୟଣ ପଣ୍ଡାଙ୍କ ପୁଅ ଦିଗଜ ପଣ୍ଡା ସର୍ବଭାରତୀୟ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ୧୭ନଂ ର୍ୟାଙ୍କରେ ରହିଛନ୍ତି । ଦିଗ୍‌ଜ ପଣ୍ଡାଙ୍କୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ପାଦୁକା ପତ୍ରିକା ପଞ୍ଚମ ସଂସ୍କରଣ ପ୍ରସ୍ତୁତି ବୈଠକ

**କବାଟବନ୍ଧ, ୨୪ ।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଦେବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ସାହୁଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ପାଦୁକା ପତ୍ରିକାର ପ୍ରକାଶନ ନିମନ୍ତେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଦୀର୍ଘ ଚାରିବର୍ଷର ସଫଳ ସମ୍ପାଦନା ପରେ ପଞ୍ଚମ ସଂସ୍କରଣ ନିମନ୍ତେ ପତ୍ରିକା ସମ୍ବନ୍ଧୀୟ ଆଲୋଚନା କରିବା ପାଇଁ ଚାରଗୋଠସ୍ଥ କଠଉଣୀ ମଠ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ସାହିତ୍ୟାନୁରାଗୀଙ୍କ ସମ୍ମତି କ୍ରମେ ଆସନ୍ତା ଅପ୍ରେଲ ୧୪ ତାରିଖ ମହାବିଷୁବ ପଣା ସଂକ୍ରାନ୍ତି, ସମ୍ବିଧାନ ପ୍ରଣେତା ଡଃ ବି.ଆର୍. ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଓ ହିନ୍ଦୁ ନବବର୍ଷ ଦିନ ପତ୍ରିକା ଆତ୍ମପ୍ରକାଶ କରିବ ବୋଲି ସ୍ଥିର ହୋଇଛି । ପତ୍ରିକା ପ୍ରକାଶ ସହିତ କବିତା ଆସର, ଆଲୋଚନାଚକ୍ର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । କଠଉଣୀ ମଠରେ ବରିଷ୍ଠ ସାହିତ୍ୟିକଙ୍କ ଗହଣରେ ପତ୍ରିକା ଉନ୍ମୋଚନ କରାଯିବ । ଏହି ବୈଠକରେ ପତ୍ରିକାର ସମ୍ପାଦକ କାହ୍ନୁଚରଣ ସାହୁ, ଆଶୁତୋଷ ଦେବୀପ୍ରସାଦ ରାଉତ, ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ଦେଓ, ମହେଶ ମଲ୍ଲିକ, ଦିଲ୍ଲୀପ କୁମାର ବଳ ଓ ଯୁବ ସାମ୍ବାଦିକା ତଥା କବି ରଶ୍ମିତା ବେହେରା ପ୍ରମୁଖ ଯୋଗ ଦେଇଛନ୍ତି ।

### ହେଉନି ପୁନରୁଦ୍ଧାର, ପୋତି ହେଉଛି ଯୋରନାଳ

# ଚାଷୀକୁଳ ହତାଶ; ତେଜୁଛି ଅସନ୍ତୋଷ

**କୋରେଇ, ୨୪ ।୩(ସମିସ):** କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୋଜନା କରୁଛନ୍ତି । ମରୁଡ଼ି ଓ ସ୍ୱଳ୍ପ ବୃଷ୍ଟି ସମୟରେ ଚାଷ ଜମିକୁ ଜଳଯୋଗାଣ କିପରି ସହଜ ଉପାୟରେ ହୋଇପାରିବ ଓ କୃଷକଙ୍କ ଆର୍ôଥକ ମାନଦଣ୍ଡ ସବଳ କରିବା ନିମନ୍ତେ ସରକାରୀ ସ୍ତରରେ ନିରନ୍ତର ପ୍ରୟାସ ଚାଲୁଛି । ତେବେ ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳର ଚାଷୀଙ୍କ ମୁଖ୍ୟ ସମସ୍ୟା ହେଉଛି ଚାଷ ଜମିକୁ ଜଳଯୋଗାଣ । ଏଥିପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ବି କାର୍ଯ୍ୟ କରୁଛି । କିନ୍ତୁ ବିଡ଼ମ୍ବନାର ବିଷୟ ବିଭାଗ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅନାବଶ୍ୟକ ସ୍ଥଳେ ପ୍ରକଳ୍ପ ନିର୍ମାଣ ହେଉଛି । ଏହି ପ୍ରକଳ୍ପ ଚାଷୀଙ୍କ କାମରେ ଆସୁ ନ ଥିବାବେଳେ ଅନେକ ପୁରାତନ ନାଳ ପୁନରୁଦ୍ଧାର ଅଭାବରୁ ପୋତି ହୋଇଗଲାଣି । ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ ଗ୍ରାମର ଧୋବା ବନ୍ଧରୁ ଅନ୍ଧାରୀ ବଡ ପୋଲକୁ ସଂଯୋଗ କରୁଥିବା ନାଳ, ପାଟରଙ୍ଗା ପଞ୍ଚାୟତର ଅଶୋକଝରରେ ଥିବା ପୁରାତନ ନାଳ, ପଛିକୋଟ, କନ୍ତୋର, ତୁଳତୀ ଆଦି ଅନେକ ପଞ୍ଚାୟତରେ ବହୁ ପୁରାତନ ନାଳ ପୋତି ହୋଇପଡ଼ିଥିବା ବେଳେ ଧନେଶ୍ୱର ପଞ୍ଚାୟତର ରଣସରପୁରଠାରୁ ପଥରପଦା ପଞ୍ଚାୟତର ମୁରଲୀ ପର୍ଯ୍ୟନ୍ତ ଥିବା ୭ କିମିରୁ ଊର୍ଦ୍ଧ୍ୱ ବିଶିଷ୍ଟ ଯୋର ନାଳ ପୁନରୁଦ୍ଧାର ଅଭାବରୁ ପୋତି ହୋଇପଡ଼ିଛି । ଫଳରେ ଚାଷୀକୁଳ ହତାସ ହେବା ସହିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

ଏହି ନାଳଟି ଅତି ପୁରାତନ ନାଳ । ବର୍ଷାଋତୁରେ ଯାଜପୁରରୋଡ ସହିତ କୋରେଇ ବ୍ଲକର ତଳଗଡ଼, ତାହାରପୁର, ତୁଳତୀ, ସାଦକପୁର ଓ ଧନେଶ୍ୱର ପଞ୍ଚାୟତ ଅଞ୍ଚଳରୁ ଉଦ୍‌ବୃତ୍ତ ଜଳ ଏହି ନାଳରେ ପ୍ରବାହିତ ହୁଏ । ପୂର୍ବରୁ ଏହି ନାଳଟି ବହୁ ଗଭୀର ଥିଲା । ଏଥିସହିତ ଛୋଟ ଛୋଟ ଆଡ଼ିବନ୍ଧ ମଧ୍ୟ ଥିଲା । ବର୍ଷର ୮ ମାସ ପାଣିରେ ପୂରି ରହୁଥିଲା ଏହି ନାଳଟି । ଯଦ୍ୱାରା ମରୁଡ଼ି କିମ୍ବା ନିଅଣ୍ଟିଆ ବର୍ଷା ସମୟରେ ଚାଷୀ ନିଜ ଜମିକୁ ପାଣି ମଡାଇ ପାରୁଥିଲେ । ଏହି ନାଳ କଡ଼ରେ ଥିବା ରଣସରପୁର, ସାଉପଡ଼ା, ମାଳିବାଗ, ଛାମୁଚା, ମୁରଲୀ ଆଦି ବହୁ ଗ୍ରାମର ଚାଷୀ ଚାଷ ଜମିକୁ ଜଳ ଯୋଗାଣ ସମ୍ଭବ ହୋଇପାରୁଥିଲେ । କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ନାଳଟି ପୋତି ହୋଇଗଲାଣି । ଅନାବନା ଘାସ ଉଠି ଏହି ନାଳଟି ସତ୍ତା ହରାଇବାକୁ ବସିଲାଣି । କେତେକ ସ୍ଥାନରେ ନାଳର ଚିହ୍ନବର୍ଣ୍ଣ ମିଳୁନି । ଜମି ସହିତ ସମାନ ହୋଇଗଲାଣି । ବର୍ଷାଦିନେ ମଧ୍ୟ ପାଣି ରହୁନି । ଫଳରେ ବହୁ ଜମି ପଡ଼ିଆ ପଡ଼ିଛି । ମରୁଡ଼ି ସମୟରେ ଫସଲ ବଞ୍ଚାଇବାକୁ ଏଠାରୁ ପାଣି ମିଳୁ ନ ଥିବାବେଳେ ବର୍ଷା ଋତୁରେ ଉଦ୍‌ବୃତ୍ତ ଜଳ ଆଖପାଖ ଜମିରେ ମାଡ଼ି ଫସଲ ନଷ୍ଟ କରୁଛି । ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଅନ୍ୟପକ୍ଷରେ ଜଳ ସଂରକ୍ଷଣ ପାଇଁ ଏହି ନାଳ ଉପରେ ହୋଇଥିବା ମାଳମାଳ ଆଡିବନ୍ଧ କୌଣସି କାମରେ ଲାଗୁନାହିଁ । ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦିଆଯାଉ ନ ଥିବା ସ୍ଥାନୀୟ ଚାଷୀ କ୍ଷୋଭର ସହିତ ପ୍ରକାଶ କରିଛନ୍ତି । ତେଣୁ ଏହାକୁ ପୁନରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି ।

### ■ କାର୍ଯ୍ୟକାରୀ ହେଉନି ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ନିୟମ

# ବଢୁଛି ବେଆଇନ ଲୋଡିଂ, ଥାନାର ଦ୍ୱାରସ୍ଥ ହେଲେ ଟ୍ରକ୍ ମାଲିକ

**କାଳିଆପାଣି, ୨୪।୩(ସମିସ):** ଖଣି ପ୍ରଭାବିତ ଟ୍ରକ୍ ମାଲିକଙ୍କ ଅସୁବିଧା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି । ଖଣି ପ୍ରଭାବିତ ଗ୍ରାମର ଲୋକେ ବାଡ଼ିବଗିଚା ତଥା ବିଲ ବାଡ଼ିରେ ଚାଷ କରି ଜୀବିକା ନିର୍ବାହ କରିବାକୁ ସାହସ ଜୁଟିପାରୁନାହାନ୍ତି । ତେବେ ଏ ଅଞ୍ଚଳର କିଛି ଲୋକ ପୈତୃକ ସମ୍ପତି ଅର୍ଥାତ ଜମିବାଡ଼ି ବିକ୍ରିକରି ଟ୍ରକ ବେପାର କରିବାକୁ ଆଗେଇ ଆସିଥିଲେ । ମାତ୍ର କାଳିଆପାଣି ଅଞ୍ଚଳରେ ଥିବା କେତେକ କମ୍ପାନୀଙ୍କ ମନମୁଖୀ ଶାସନ ସହିତ କିଛି ମୁଷ୍ଟିମେୟ ଟ୍ରକ୍ ମାଲିକଙ୍କ ଚକ୍ରାନ୍ତ ଯୋଗୁଁ ସ୍ଥାନୀୟ ଟ୍ରକ୍ ମାଲିକ ନାହିଁ ନ ଥିବା ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ଆଜି ଖଣି ପ୍ରଭାବିତ କେତେକ ଟ୍ରକ ମାଲିକ ଏସବୁ ସମସ୍ୟାକୁ ନେଇ କାଳିଆପାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ସେମାନଙ୍କ ଅଭିଯୋଗ ଯେ, କଲରଙ୍ଗୀଠାରେ ଥିବା ଟ୍ରକ୍ ପାର୍କିଂରୁ କିଛି ଅସାଧୁ ଲୋକଙ୍କ ଚକ୍ରାନ୍ତ ଯୋଗୁଁ ରହିଥିବା ବ୍ୟବସ୍ଥା ଅନୁଯାୟୀ ସିରିଏଲରେ ଲୋଡ୍ କରିବାକୁ ସୁଯୋଗ ଦିଆଯାଉନାହିଁ । ପ୍ରତ୍ୟେକ ଦିନ ଜିଲ୍ଲା ଓ ଜିଲ୍ଲା ବାହାରୁ ୪୦୦ରୁ ୬୦୦ ଗାଡି ସରିଏଲ କରିବା ଦ୍ୱାରା ଖଣିରେ ୪୦ରୁ ୫୦ ଲୋଡ ପାଇଁ ନୋଟିସ ଆସୁଛି । ଫଳରେ ୭୦୦ରୁ ୮୦୦ ଟ୍ରକ ବାଲାନ୍ସ ହୋଇ ରହୁଛନ୍ତି ଓ ଗୋଟେ ଲୋଡ ପାଇଁ ୧୫ ଦିନରୁ ମାସେ ଲାଗି ଯାଉଛି । କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଟ୍ରକ୍‌ଗୁଡିକୁ ବିନା ସିରିଏଲ ଥାଇ ମଧ୍ୟ ଲୋଡ଼ିଂ ନେବାକୁ ସୁଯୋଗ ଦିଆଯାଉଛି । ଟ୍ରାନ୍ସପୋର୍ଟର ମନମୁଖୀ ବାଲାନ୍ସ ପେମେଣ୍ଟ କରିବା, ଉଚିତ ଭଡ଼ାରୁ କମ୍ ଅର୍ଥ ପେମେଣ୍ଟ କରିବା ଇତ୍ୟାଦି ଦାବି ନେଇ ଆଜି ଖଣି ପ୍ରଭାବିତ ମାଲିକ ସଂଘ ଓ କିଛି ସ୍ଥାନୀୟ ଟ୍ରକ୍ ମାଲିକ କାଳିଆପାଣି ଥାନାରେ ଅଭିଯୋଗ କରିଛନ୍ତି । ଉକ୍ତ ଦାବି ଆସନ୍ତା ୭ ଦିନ ମଧ୍ୟରେ ସମାଧାନ କରା ନ ଗଲେ ହାଇକୋର୍ଟଙ୍କ ଫାଷ୍ଟ କମ ଫାଷ୍ଟ ଲୋଡ ନିୟମ ଅନୁଯାୟୀ ପ୍ରତ୍ୟେକ କମ୍ପାନୀ ମୁଖ୍ୟ ଫାଟକ ଆଗରେ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି ।

# ଗୋପାଳ ସମ୍ପ୍ରଦାୟର ଡାଳି ଭାର ଶୋଭାଯାତ୍ରା



**ମାର୍ଶାଘାଇ,୨୪।୩(ସମିସ):** ରବିବାର ଅପରାହ୍ନରେ ଦୋଳ ଉତ୍ସବ ଅବସରରେ ମାର୍ଶାଘାଇ ଗୋପାଳ ସମ୍ପ୍ରଦାୟ ସମାଜ ପକ୍ଷରୁ ଡାଳିଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପାଳ ପରିବାରର ପୁରୁଷ ସଦସ୍ୟ ମାନେ ନୂଆ ବସ୍ତ୍ର ପରିଧାନ କରି ନୂଆ ବାହୁଙ୍ଗି ଭାରରେ ନୂଆ କଳସି, ଫଳନ୍ତି ଆମ୍ବ ଡାଳ, କୋଳି ଡାଳ, ଫୁଲ, ପଇଡ଼ରେ ସଜାଇ ମାର୍ଶାଘାଇ ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ମାର୍ଶାଘାଇ ବଜାର ପରିକ୍ରମା କରି ଯଜ୍ଞମଠ ନିକଟ ଦେଇ ଲୁଣା ନଦୀର ତ୍ରିବେଣୀ ମୁହାଁଣରୁ କଳସିରେ ଜଳ ଆଣି ଗୋଠରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ସାଙ୍ଗରେ ନେଇଥିବା କ୍ଷୀର, ଅରୁଆ ଚାଉଳରେ ଖିରି ପ୍ରସ୍ତୁତ କରି ଭୋଗ ଲାଗି କରିବା ସହିତ ପ୍ରସାଦ ସେବନ କରି ରାତ୍ରି ଯାପନ କରି ଆସନ୍ତା କାଲି ପୁନର୍ବାର ପୂଜାର୍ଚ୍ଚନା କରି ଡାଳି ଭାର ଧରି ନିଜ ଘରକୁ ଫେରିବାର କାର୍ଯ୍ୟକ୍ରମ ରହିଛି ବୋଲି ଯୁବ ସଦସ୍ୟ ବିନୋଦ କୁମାର ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ଯାଦବ ସଂଘର କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ମଧୁସୂଦନ ଦାସ, ପୂର୍ବତନ ସରପଞ୍ଚ ଅଶୋକ ଚୌଧୁରୀ, ମାର୍ଶାଘାଇ ବ୍ଲକ ସଭାପତି ବଳଭଦ୍ର ଦାସ, ବିଜୟ କୁମାର ଦାସ, ସୌଭାଗ୍ୟ ଦାସ, ଜିତେନ୍ଦ୍ର ଦାସ, ଅରୁଣ ଦାସ, ଦୟାନିଧି ଦାସ, ସୁରେନ୍ଦ୍ରନାଥ ଦାସ, ଅକ୍ଷୟ ଦାସ, ବିପିନ ଦାସ, ଉଦୟ ଦାସ, ଚିକୁ ଦାସ, ବାବାଜୀ ଦାସ, ଚଗଲା ଦାସ, ସନ୍ତୋଷ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏହାଛଡ଼ା ମାର୍ଶାଘାଇ ବ୍ଲକର ଶିଳିପୁର, ଥାଉରୀ, କାନପୁର, ପରକୁଳା, ପଳାସପୁର, ଆଖୁଆ, ପସ୍ତା, ମାଣିକପୁର, କୁଆଁରପାଳ ପ୍ରଭୃତି ଗ୍ରାମରେ ଡାଳି ଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### କେଜ୍ରିୱାଲଙ୍କୁ ଗିରଫ ପ୍ରତିବାଦରେ ଆପ୍‌ର ସାମ୍ବାଦିକ ସମ୍ମିଳନୀ

# ଅଭିଯୋଗକାରୀଙ୍କଠାରୁ ବିଜେପି ନେଇଛି ୫୯.୫ କୋଟି ଚାନ୍ଦା




**କେନ୍ଦ୍ରାପଡା,୨୪।୩(ସମିସ):** କେନ୍ଦ୍ରାପଡା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶ୍ୟାମସୁନ୍ଦରପୁରଗଡାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ପାର୍ଟିର ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀ ଦାସ ଆମ୍ ଆଦମି ପାର୍ଟିର ରାଷ୍ଟ୍ରୀୟ ସଭାପତି ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯିବା ସମ୍ବନ୍ଧରେ ସାଂଘାତିକ ତଥ୍ୟ ପଦାକୁ ଆଣିଛନ୍ତି। ଏହି ତଥ୍ୟରୁ ଭାରତୀୟ ଜନତା ପାର୍ଟି ହିଁ ପ୍ରକୃତ ଅପରାଧୀ ଏବଂ ଚକ୍ରାନ୍ତ କରି କେଜ୍ରିୱାଲଙ୍କୁ ଜେଲ୍ ପଠାଇଥିବା ପ୍ରମାଣିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି।

ସେ କହିଛନ୍ତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି ପି. ଶରଥଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ କେଜ୍ରିୱାଲଙ୍କୁ ଦିଲ୍ଲୀରେ ମଦଠିକା ପାଇବା ପାଇଁ ୧୦୦କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ମାତ୍ର ସୁପ୍ରିମ୍‌କୋର୍ଟର ନିର୍ଦ୍ଦେଶ ପରେ ସାର୍ବଜନୀନ ହୋଇଥିବା ଇଲେକ୍ଟୋରାଲ ବଣ୍ଡରୁ ସାଂଘାତିକ କଥା ଜଣାପଡିଛି। ପି. ଶରଥଚନ୍ଦ୍ର ରେଡ୍ଡୀ କେବଳ ଜଣେ ମଦ ବେପାରୀ ନୁହଁନ୍ତି। ସେ ଅରବିନ୍ଦୋ ଫାର୍ମା ନାମକ ଏକ ବଡ ଔଷଧ କମ୍ପାନୀର ମାଲିକ। ତାଙ୍କର ଆହୁରି ଅନେକ କମ୍ପାନୀ ମଧ୍ୟ ଅଛି। ଶ୍ରୀ ରେଡ୍ଡୀଙ୍କୁ ଇଡି ମଦ ଘୋଟାଲାର ମୁଖ୍ୟ ପୁରୋଧା କହି ଗିରଫ କଲା। ଜେରାବେଳେ ସେ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟି ନାହାନ୍ତି କି କୌଣସି ଟଙ୍କା ଦେଇ ନାହାଁନ୍ତି ବୋଲି କହିଲେ। ତେଣୁ ଇଡି ତାଙ୍କ ବେଲ୍‌ର ବିରୋଧ କଲା ଏବଂ ଲମ୍ବା ସମୟ ଧରି ଜେଲ୍‌ରେ ରଖିଲା। ମାତ୍ର ବର୍ତ୍ତମାନ ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣାପଡିଛି ଯେ, ଶ୍ରୀ ରେଡ୍ଡୀଙ୍କୁ ଇଡି ମାଧ୍ୟମରେ ଭୟଭୀତ କରି ଭାରତୀୟ ଜନତା ପାର୍ଟି ତାଙ୍କର ବିଭିନ୍ନ କମ୍ପାନୀରୁ ପ୍ରାୟ ୫୯.୫ କୋଟି ଟଙ୍କା ଚାନ୍ଦା ନେଇଛି। ସେ ଜେଲ୍‌ରେ ଥିବାବେଳେ କିଛି ଚାନ୍ଦା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଶ୍ରୀ କେଜ୍ରିୱାଲଙ୍କ ବିରୋଧରେ ଅଭିଯୋଗ କରିବାକୁ ରାଜି ହେବାରୁ ଇଡି ତାଙ୍କ ବେଲ୍‌କୁ ବିରୋଧ କରିନଥିଲା ଏବଂ ତାଙ୍କୁ ରାଜସାକ୍ଷୀ କରି ମାମଲାରୁ ମୁକ୍ତି ଦେଇଥିଲା। ଜେଲ୍‌ରୁ ବାହାରିବା ପରେ ସେ ପୁଣି ଭାରତୀୟ ଜନତା ପାର୍ଟିକୁ ୫୦କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ଏଥିରୁ ଜଣାପଡୁଛି ଯେ ଚାପ ପକାଇ, ଡରାଇ, ଧମକାଇ ଇଡି ମାଧ୍ୟମରେ ବିଜେପି କେବଳ ଚାନ୍ଦା ଆଦାୟ କରିନାହିଁ ବରଂ କେଜ୍ରିୱାଲଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ବକ୍ତବ୍ୟ ମଧ୍ୟ ଆଦାୟ କରିଛି। ତେଣୁ ଆମ୍ ଆଦମୀ ପାର୍ଟି ବିଜେପି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ଉପସଭାପତି ଅପୂର୍ବ ରଞ୍ଜନ ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ପାଟକୁରା ପ୍ରଭାରୀ କୁମୁଦ ରାଉତ, ରୁଦ୍ର ବେହେରା, ସେକ୍ ସାହିଲ, ସେକ୍ ଇସ୍ମାଇଲ, ସତ୍ୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାଗରବେଳା ମହୋତ୍ସବ ଉଦ୍‌ଯାପିତ



**ରାଜନଗର,୨୪।୩(ସମିସ):** ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ଚାଲିଥିବା ସାଗରବେଳା ମହୋତ୍ସବ ଗତକାଲି ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ବକ୍ତା ଭାବେ ଦୈନିକ 'ସମାଜ'ର ମୁଖ୍ୟ ପ୍ରଶାସକ ଡଃ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ମୃତ୍ୟୁପରେ ଅଙ୍ଗଦାନର ମହତ୍ୱ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ପେଣ୍ଠ ଓ ଭିତରକନିକା ରାଜନଗର ପାଇଁ ପ୍ରକୃତିର ବରଦାନ ବୋଲି କହିଥିଲେ। ଏହି ମହୋତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗରରେ ଶିଳ୍ପ ନଥିଲେ ମଧ୍ୟ ପ୍ରକୃତିର ବରଦାନ ଭିତରକନିକା, ପେଣ୍ଠ ବେଳାଭୂମି ଏବଂ ଗହୀରମଥା ଭଳି ପ୍ରାକୃତିକ ବିଭବ ଆମ ପାଖରେ ରହିଛି। ଇକୋ ଟୁରିଜିମର ବିକାଶ ହେଲେ ଅଞ୍ଚଳର ଆର୍ଥିକ ବିକାଶ ହେବା ସହ ସ୍ଥାନୀୟ ଲୋକେ କର୍ମସଂସ୍ଥାନ ପାଇପାରିବେ। ଭିତରକନିକା ମହୋତ୍ସବ, ଇକୋ ରିଟ୍ରିଟ ଓ ସାଗରବେଳା ମହୋତ୍ସବ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ।

ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡଃ. ଅଭୟ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମହିମା ଧର୍ମର ବ୍ରହ୍ମାବଧୂତ ସୁବ୍ରତ ବାବା, ପ୍ରଫେସର ତଥା ଅନୁଷ୍ଠାନର ସଂପାଦକ ସତ୍ୟବାଦୀ ଜେନା, ସଂଗଠନ ସଂପାଦକ ଡଃ. ଧରଣୀଧର ରାଉତ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ଅନିଲ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ସୁବେଦାର ଗଗନ ବିହାରୀ ସ୍ୱାଇଁ, ବିଏମସିର ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ, କେଉଁଝରର ଉପଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, ମାଟ୍ରିକ ଟପ୍ପର ଆୟେଶା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଡିଏଫ୍‌ଓ ଯଜ୍ଞଦତ ପତି, ପରିବେଶବିତ୍ ତଥା ଗାଳ୍ପିକ ପ୍ରଦୀପ ନାୟକ, ଅଧ୍ୟାପିକା ଭଗବତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ହଂସୁଆ କଳା ପ୍ରତିଷ୍ଠାନ, ସାମ୍ବାଦିକ ବସନ୍ତ କୁମାର ହାତୀ, ସଂଗୀତଜ୍ଞ ସନାତନ ରାଉଳ, ଗାଳ୍ପିକ ତଥା ପରିବେଶବିତ୍ ପ୍ରଦୀପ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ହଂସୁଆ କଳା ପ୍ରତିଷ୍ଠାନ ଓ ଶେଷ ସଂଧ୍ୟାରେ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଂଧ୍ୟାରେ ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଅସହ୍ୟ ହେଲାଣି ତାତି.....



ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ କୁଆଁରପାଳ ଗ୍ରାମରେ ଟ୍ୟୁବ୍‌ୱେଲ ଭାଙ୍ଗି ଯାଇଥିବାରୁ ପାଣି ପାଇଁ ଲୋକେ ହୀନସ୍ତା ହେଉଛନ୍ତି।

# ଦୋଳ ଉତ୍ସବ ଉପଲକ୍ଷେ ଡାଳି ଭାର ଶୋଭାଯାତ୍ରା

**ମହାକାଳପଡ଼ା,୨୪।୩(ସମିସ):** ରବିବାର ଦୋଳଉତ୍ସବ ଉପଲକ୍ଷେ ମହାକାଳପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଡାଳିଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ମଧୁରଗଣ୍ଡ, ଅମେଇପାଳ, ତିଖିରୀ, ତେରଗାଁ, ସାନ ଗାଁ, ଘୋଡାବନ୍ଧ, କରମକୁଳ, ବଡ଼କୁଳ, ରାଜଗଡ଼, ଅଳାଇଲୋ, ଓରତ, ବିଜୟ ନଗର, ଗୋଗୁଆ, ପ୍ରଭୃତି ଗ୍ରାମରେ ଧୂମଧାମରେ ଡାଳି ଭାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋପାଳ ପରିବାରର ପୁରୁଷମାନେ ନୂଆ ବସ୍ତ୍ର ପରିଧାନ କରି ନୂଆ ବାହୁଙ୍ଗି ଭାରରେ ନୂଆ କଳସି, ଫଳନ୍ତି ଆମ୍ବ ଡାଳ, କୋଳି ଡାଳ, ଫୁଲ, ପଇଡ଼ରେ ସଜାଇ, ଗୋପାଳ ଓଗାଳ, ସଂକୀର୍ତ୍ତନ, ବାଜାବାଣ ରୋଷଣୀ ସହିତ ଶୋଭାଯାତ୍ରାରେ ବାହାରି କଳସିରେ ଜଳ ଆଣି ଗୋଠରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ସାଙ୍ଗରେ ନେଇଥିବା କ୍ଷୀର, ଅରୁଆ ଚାଉଳରେ କ୍ଷୀରି ପ୍ରସ୍ତୁତ କରି ଭୋଗ ଲାଗି କରିଥିଲେ।

# ଶାରଳା ପଞ୍ଜିକା ଲୋକାର୍ପିତ



**ତିର୍ତ୍ତୋଲ,୨୪।୩(ସମିସ):** ପ୍ରସିଦ୍ଧ ଝଙ୍କଡ ଶାରଳାପୀଠରେ ଆଦିକବି ସାରଳାଦାସ ସ୍ମୃତି ସଂସଦ ଓ ସାରଳାଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ଆନୁକୁଲ୍ୟରେ ପ୍ରତିଷ୍ଠା ଦିବସ ଓ ଶାରଳା ପଞ୍ଜିକା ୨୦୨୪-୨୫ ଲୋକାର୍ପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବାଲାଜୀ ବିଦ୍ୟାପୀଠ ପଣ୍ଡିଚେରୀର କୁଳପତି ତଥା ସଂସଦର ଉପଦେଷ୍ଟା ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଜା ପୌରହିତ୍ୟ କରିଥିଲେ। ଶାରଳା ପଞ୍ଜିକାକୁ ମା'ଶାରଳାଙ୍କ ପାଦପଦ୍ମରେ ସମର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଲୋକାର୍ପଣ ଉତ୍ସବରେ ଜ୍ୟୋତିର୍ବିଦ ତଥା ଉପଶାସନ ସଚିବ ପ୍ରଦୀପ୍ତ କୁମାର ବିଶ୍ୱାଳ ଶାରଳା ପଞ୍ଜିକାରେ ସନ୍ନିବେଶିତ ବିଭିନ୍ନ ପର୍ବପର୍ବାଣୀର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରତିମୂର୍ତ୍ତି ନିର୍ମାଣ କମିଟିର ସଭାପତି ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ପଞ୍ଜିକାର ଶୁଭକାମନା କରି ଏହା ଜନସାଧାରଣଙ୍କ ଦ୍ୱାରା ବହୁଳ ମାତ୍ରାରେ ଆଦୃତ ହେବ। ଏଥିସହିତ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ପ୍ରତି ବ୍ଲକ ଓ ସଦର ମହକୁମାରେ ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ସଙ୍ଗଠକ ରମାକାନ୍ତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ଉପସଭାପତି ବିକାଶ ଚନ୍ଦ୍ର ପରିଜା, ଡ.ଆରତୀ କର, ଜ୍ୟୋତିର୍ମୟୀ ପରିଜା, ତ୍ରିନାଥ ବାରିକ, ଚନ୍ଦ୍ରକାନ୍ତ ପାଢୀ, ସୁକାନ୍ତ ମହାନ୍ତି, ବିଜୟ ମଲ୍ଲିକ, ଇଂ ସୁବାସ ଚନ୍ଦ୍ର ସାହୁ, ସାହିତ୍ୟକ ପରମାନନ୍ଦ ମିଶ୍ର, ସମାଜସେବୀ ଦେବ ମହାନ୍ତି, ଅକ୍ଷୟ ମହାନ୍ତି, ସୁରେନ୍ଦ୍ର ସାହୁ, ଦେବବ୍ରତ ବାରିକ ପ୍ରମୁଖ ଯୋଗଦେଇଥିଲେ।

# ଦୋକାନରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମହାକାଳପଡ଼ା,୨୪।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ସାମୁଦ୍ରିକ ଥାନ ଅଧୀନ ସୁନୀତା ଗ୍ରାମର ଆଡକ ଛକରେ ଏକ ଦୋକାନ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତନ୍ତିଆପାଳ ପୁଲିସ ମୃତଦେହ ଜବତ କରିବା ସହିତ ମାମଲା ରୁଜୁ କରିଛି। ମୃତ ଯୁବକଙ୍କ ନାମ ଗୌରାଙ୍ଗ ମାନ୍ନା (୩୬)। ଗତକାଲି ନିକଟସ୍ଥ ବେଣାକନ୍ଦାର କିଛି ଲୋକ ତାଙ୍କୁ ଡକାଇ କୌଣସି କାରଣରୁ କଙ୍ଗାରୁ କୋର୍ଟ କରି ଦଣ୍ଡିତ କରି ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଥିଲେ ବୋଲି ତାଙ୍କ ପତ୍ନୀ ସରସ୍ୱତୀ ମାନା ଗଣମାଧ୍ୟମ ଆଗରେ କହିଛନ୍ତି। ତେଣୁ ତାଙ୍କ ସ୍ୱାମୀ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି ଏହା ଆତ୍ମହତ୍ୟା ନୁହେଁ ହତ୍ୟା ବୋଲି ସରସ୍ୱତୀ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ତନ୍ତିଆପାଳ ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ପକ୍ଷରୁ ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷା

**କେନ୍ଦ୍ରାପଡା,୨୪।୩(ସମିସ):** କେନ୍ଦ୍ରାପଡାର ଅଗ୍ରଣୀ ଅନୁଷ୍ଠାନ ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ତରଫରୁ କେନ୍ଦ୍ରାପଡା ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷା (କେ.ଟି.ଏସ୍)-୨୦୨୪ ଗୋପସ୍ଥିତ ଜାଭିୟର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆବେଦନ କରିଥିବା ମୋଟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ନେଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୫ଟି ବିଷୟ ଯଥା-ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ ଓ ସାଧାରଣ ଜ୍ଞାନର ମୋଟ ୫୦ନମ୍ବର ପରୀକ୍ଷା ହୋଇଥିଲା। ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ବେହେରା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରିଥିଲେ। ସେହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ପରୀକ୍ଷାରେ ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟର ସଦସ୍ୟ ଶୁଭେନ୍ଦୁ କୁମାର କର, ବୈଲୋଚନ ସାମଲ, ସାହିସ୍ତା ପରୱିନ୍, କିଶୋର ଚନ୍ଦ୍ର ଜେନା, ମିର ଅକ୍ତର ଅଲ୍ଲୀ, ଅଚ୍ୟୁତାନନ୍ଦ ସାମଲ, ସେକ୍ ମହମ୍ମଦ ଗୟାସଉଦ୍ଦିନ, ସୟଦ ଜାକିର ଅଲ୍ଲୀ, ରକିବୁର ରହେମାନ, ସେକ୍ ମହମ୍ମଦ ଫୟାଜଉଦ୍ଦିନ, ଦେବେନ୍ଦ୍ର କୁମାର ନାୟକ, ଅନନ୍ତ କୁମାର ପରିଡା, ମହମ୍ମଦ ଅସଗର ଅଲ୍ଲୀ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପରୀକ୍ଷା ପରିଚାଳନା କରିଥିଲେ। ସର୍ବଶେଷରେ ଟ୍ରଷ୍ଟର ଅଧ୍ୟକ୍ଷା ରଜିଆ ସୁଲତାନା ଓ ଟ୍ରଷ୍ଟି ସ୍ୱାଲେହା ସୁଲତାନା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ରାସ୍ତାଦେଇ ନିଷ୍କାସିତ ହେଉଛି ବର୍ଜ୍ୟଜଳ

**ମାର୍ଶାଘାଇ,୨୪।୩(ସମିସ):** ମାର୍ଶାଘାଇ ବଜାର, କଲେଜ, ବନ୍ଧସାହି ଏବଂ କୁମ୍ଭାରସାହିର ଉଦ୍‌ବୃତ୍ତ ଜଳ ଡ୍ରେନରେ ନିଷ୍କାସନ ହୋଇ ନ ପାରି ହାଇସ୍କୁଲ ମୁଖ୍ୟ ରାସ୍ତା ଉପରେ ପ୍ରବାହିତ ହେଉଛି। ଖରାଦିନେ ଜଳାଶ୍ରୟ ଏବଂ ଜଳପଥ ଶୁଖିଲା ପଡିଥିଲା ବେଳେ ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ମାର୍ଶାଘାଇ ହାଇସ୍କୁଲ ମୁଖ୍ୟରାସ୍ତା ଉପରେ ପ୍ରବାହିତ ହେଉଛି ଏହି ପଥ ଦେଇ ନିଷ୍କାସିତ ହୋଇଥାଏ। ମେଡିକାଲ ପରିସରର ବର୍ଷାଜଳ ଏବଂ ମାର୍ଶାଘାଇ ବଜାର ଓ କୁମ୍ଭାରସାହି ଗ୍ରାମର ଅନେକ ସ୍ଥାନର ବର୍ଷାଜଳର ଡ୍ରେନ ମଧ୍ୟ ଏହି ନିଷ୍କାସନ ପଥ ସହିତ ସଂଯୋଗ ହୋଇଛି। ମାତ୍ର ଏହି ଜଳ ନିଷ୍କାସନ ପଥ ଏବେ ସମ୍ପୂର୍ଣ୍ଣ ଭାବରେ ଅବରୋଧ ହୋଇ ଯାଇଥିବାରୁ ହାଇସ୍କୁଲ ରାସ୍ତା ଉପରେ ଡ୍ରେନ ପାଣି ବହି ଚାଲିଛି। ଜଳ ନିଷ୍କାସନ

- **ସ୍କୁଲ ଯିବାବେଳେ ଛାତ୍ରଛାତ୍ରୀ ହୀନସ୍ତା**
- **ତୁରନ୍ତ ଦୃଷ୍ଟି ନଦେଲେ ଆନ୍ଦୋଳନ ଚେତାବନୀ**

ନିଷ୍କାସିତ ଜଳ। ଖରାଦିନେ ଏଭଳି ଅବସ୍ଥା ହୋଇଥିବା ବେଳେ ବର୍ଷା ଦିନକୁ ପରିସ୍ଥିତି ଅସମ୍ଭାଳ ହୋଇ ଅଞ୍ଚଳବାସୀଙ୍କୁ କଲବଲ କରିବ। ମାର୍ଶାଘାଇ କଲେଜ ପରିସରରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଡ୍ରେନ୍ କରାଯାଇ ଏହି ଜଳ ନିଷ୍କାସନ ପଥ ସହିତ ଡ୍ରେନ ସଂଯୋଗ କରାଯାଇଛି। ଏଥି ଦହିତ ବନ୍ଧସାହିର ନିଷ୍କାସିତ ଜଳ ମଧ୍ୟ ପଥ ଉପରେ ବକ୍ସ ଛାତ କରି ଜନୈକ ବ୍ୟକ୍ତି ଅବରୋଧ କରି ନିଜର ପାଇଖାନା ଏବଂ କୋଠାଘର ନିର୍ମାଣ କରିଥିବା ବେଳେ ମାଟି ପକାଇ ଏକ ସୁଦୃଢ଼ ବନ୍ଧ ବାନ୍ଧି ଦେଇଥିବା ଅଭିଯୋଗ ହେଉଛି। ଅନ୍ୟଜଣେ ପାଚେରୀ ନିର୍ମାଣ କରିସାରିଥିବାବେଳେ ମାଟି ପୋତି ଦେଇଥିବାରୁ ନିଷ୍କାସନ ପଥ ସମ୍ପୂର୍ଣ୍ଣ ଭାବେ ଅବରୋଧ ହୋଇଯାଇଛି। ଡ୍ରେନ୍‌ରେ



ପ୍ରବାହିତ ବର୍ଜ୍ୟଜଳ ମାର୍ଶାଘାଇ ପ୍ରାଇମେରୀ ସ୍କୁଲ ଖାଲୁଆ ଅଞ୍ଚଳଦେଇ ହାଇସ୍କୁଲ ରାସ୍ତା ଉପରେ ପ୍ରବାହିତ ହେଉଛି। ଡ୍ରେନ୍‌ର ମଇଳା ପାଣିରେ ପଶି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଯାତାୟାତ କରି ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବାରୁ ଡ୍ରେନ ପାଣିକୁ ବନ୍ଦ କରିବା ପାଇଁ ମାର୍ଶାଘାଇ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ସମସ୍ୟା ସମାଧାନ ନ ହେଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବାଧ୍ୟ ହୋଇ ମାର୍ଶାଘାଇ ବଜାରର ମୁଖ୍ୟ ରାସ୍ତା ଉପରେ ବସି ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିବା ଅଭିଭାବକ କହିଛନ୍ତି। ଡ୍ରେନ୍ ଅବରୋଧକାରୀମାନେ ପ୍ରଭାବଶାଳୀ ହୋଇଥିବାରୁ ପ୍ରଶାସନ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ମଧ୍ୟ ଅଭିଯୋଗ ହେଉଛି। ଜଳ ନିଷ୍କାସନ ପଥକୁ ପ୍ରଶାସନ ଅବରୋଧମୁକ୍ତ କରିପାରିଲେ ହିଁ ମାର୍ଶାଘାଇ ଅଞ୍ଚଳର ବର୍ଷା ଜଳ ଜଳପଥରେ ନିଷ୍କାସିତ ହୋଇ ପାରିବ। କେବେ ଏହା ପ୍ରଶାସନ କରୁଛି ଦେଖିବାକୁ ବାକି ରହିଲା ବୋଲି ଅଞ୍ଚଳବାସୀ କହିଛନ୍ତି।

# ବିଭିନ୍ନ ମାମଲାରେ ୫ କୋର୍ଟ ଚାଲାଣ

**ପାରାଦୀପ,୨୪।୩(ସମିସ):** ବିଭିନ୍ନ ମାମଲାରେ ଲକ୍ ଥାନା ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସର ସୂଚନା ମୁତାବକ ପୁରୁଣା ମାମଲାରେ ୱାରେଣ୍ଟ ଥିବା ଲକଥାନା ଅଧିନ କତକୁଲା ଗ୍ରାମର ତୁଷାର କାନ୍ତ ବେହେରା (୫୦) ଓ ପାରାଦୀପଗଡ଼ ଗ୍ରାମର ଟି. ରାମ ବେହେରାକୁ ପୁଲିସ ଆଜି ଗିରଫ କରିଛି। ସେହିପରି ସ୍କ୍ରାପ ଚୋରି ଘଟଣାରେ ଏକ ପିକଅପ ଭ୍ୟାନ ସହ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅଞ୍ଚଳ ଆରେଇମୂଳା ଗ୍ରାମର ଡ୍ରାଇଭର ଜନ ବାରିକ (୩୮) କୁ ଗିରଫ କରିଛି ପୁଲିସ। ପିକ୍‌ଅପ ଭ୍ୟାନ ଜବତ କରି ୧୩୩/୨୪ ମାମଲା ରୁଜୁ କରାଯାଇଛି। ସେହିପରି ଟ୍ରକ୍‌ରୁ ବ୍ୟାଟେରି ଚୋରି ଘଟଣାରେ ପାରାଦୀପଗଡ ଗ୍ରାମର କାର୍ତ୍ତି କୁମାର ଜେନା (୪୩) ଓ ସେହି ଗ୍ରାମର ବିକାଶ ପଡ଼ିଆରୀ ଓରଫ ଶିବୁ (୧୯) କୁ ପୁଲିସ ଗିରଫ କରିଛି।

■ ଏଚଏନ୍‌ଏସ୍ ମହାବିଦ୍ୟାଳୟ

## ଅଧ୍ୟକ୍ଷ ନିଯୁକ୍ତି ଉପରେ ଉଚ୍ଚନ୍ୟାୟାଳୟର ସ୍ଥଗିତାଦେଶ

**ଡେରାବିଶ, ୨୪।୩(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ବର୍ତ୍ତମାନର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ଦାଶ ଚଳିତ ମାସ ୩୧ ତାରିଖରେ ଅବସର ନେବେ। ପରବର୍ତ୍ତୀ ଅଧ୍ୟକ୍ଷ ନିଯୁକ୍ତି ନିମନ୍ତେ ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ ହୋଇଥିବା ବରିଷ୍ଠ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦାଶ, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ, ସଚିବ ଓ ନିର୍ଦ୍ଦେଶକଙ୍କୁ ପକ୍ଷ କରି ଉଚ୍ଚନ୍ୟାୟାଳୟରେ ଏହି ମହାବିଦ୍ୟାଳୟର ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ ମାମଲା ଦାଏର କରିଛନ୍ତି। ଉଚ୍ଚନ୍ୟାୟାଳୟ ଏହି ମାମଲାଟିକୁ ଗ୍ରହଣ କରି ଅଧ୍ୟକ୍ଷ ନିଯୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ସହିତ ଏପ୍ରିଲ ୧୫ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଘଟଣାରୁ ପ୍ରକାଶ ୨୦୧୦ ମସିହାରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ +୨ କୁ ଜୁନିୟର କଲେଜ ଓ +୩କୁ ଡିଗ୍ରୀ କଲେଜ ଭାବେ ବିଭାଜନ କରାଯାଇଛି। ସେହି ନ୍ୟାୟରେ ଉଭୟ ଜୁନିୟର ଏବଂ ଡିଗ୍ରୀରେ ପୃଥକ ପୃଥକ ଅଧ୍ୟକ୍ଷ ନିଯୁକ୍ତି ହୋଇଥାନ୍ତି। ଯାହାର ଉଦାହାରଣ ଏହି ବ୍ଲକ ଅନ୍ତର୍ଗତ ଡେଲଟା କଲେଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା କଲେଜରେ ଘଟିଛି। ତେବେ ଏଚଏନ୍‌ଏସ୍ କଲେଜରେ ବର୍ତ୍ତମାନର ଅଧ୍ୟକ୍ଷଙ୍କ ପରେ ବରିଷ୍ଠତା ଭିତ୍ତିରେ ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ ପ୍ରଥମେ ଆସୁଛନ୍ତି। ଯେଉଁମାନଙ୍କ ନାମ ସୁପାରିଶ ହୋଇଛି ତାହା ଅବୈଧାନିକ ବୋଲି ଦର୍ଶାଇ ପ୍ରାଧ୍ୟାପକ ନାୟକ ବରିଷ୍ଠତା ତାଲିକାରେ ପ୍ରଥମେ ଆସୁଛନ୍ତି ବୋଲି ଦର୍ଶାଇ ଏହି ମାମଲା ରୁଜୁ କରିଥିଲେ।

## ସତୀର୍ଥର ବସନ୍ତ ଉତ୍ସବ

**କେନ୍ଦ୍ରାପଡ଼ା, ୨୪।୩(ସମିସ):** ସ୍ନେହ ପ୍ରେମ ଓ ସମର୍ପଣର ବସନ୍ତ କାଳୀନ ଉତ୍ସବ ହୋଲି କେବଳ ଓଡ଼ିଶା ନୁହେଁ ସାମଗ୍ରିକ ଭାବେ ମହାଭାରତୀୟ ପରମ୍ପରା ବୋଲି ସତୀର୍ଥର ବସନ୍ତ ଉତ୍ସବରେ ଯୋଗଦାନ କରି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୋରୋସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତି ଓ ବିଜେ ଶ୍ରୀ ବିନୋଦ ବିହାରୀଙ୍କ ନୀତିକାନ୍ତି ପରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅତିଥିମାନେ ଦିଅଁଙ୍କୁ ପୁଷ୍ପ ଚନ୍ଦନ ଓ ଅବିର ସମର୍ପଣ କରିଥିଲେ। ଆହୁତ ସଭାକାର୍ଯ୍ୟରେ ସଭାପତି ଅମର ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ପ୍ରତାପ ପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବାୟାମଠ କେନ୍ଦ୍ରାପଡ଼ା ବାବାଜି ହୃଷୀକେଶ ଦାସ ଉଦଘାଟକ, ମୁଖ୍ୟଅତିଥି, ମୂଖ୍ୟବକ୍ତା, ସମ୍ମାନିତ ଅତିଥି, ସମ୍ମାନିତବକ୍ତା ଭାବେ ଯଥାକ୍ରମେ ଜଗଦାନନ୍ଦ ଯେନା, ହେମନ୍ତ ରାଉତ ଶ୍ରୀଧର ସାମଲ, ହେମନ୍ତ ଜେନା, ସ୍ୱପ୍ନାଂଶୁ ଦାସ, ମାଧବ ମଲିକ ଯୋଗ ଦେଇଥିଲେ। କୈଳାସ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗୁରୁ ରାଜକିଶୋର ଯେନା ଓ ଗୋଲକ ସେଠୀ ହୋଲିଗୀତ ଓ ଭଜନ ପରିବେଷଣ କରିଥିଲେ। ସମ୍ପାଦକ ମନ୍ମଥନାଥ ବରାଳ ହୋଲି ସମ୍ପର୍କିତ ପ୍ରାରମ୍ଭିକ ଅଭି ଭାଷଣ ରଖିଥିଲେ। ପ୍ରଦୀପ ଦାସ, ରଣଧୀର ଜେନା, ଆଦିକନ୍ଦ ରାଉଳ, ଅବନ୍ତି ବେହେରା, ମେଜର ଭରତ ଜେନା, ନିରଞ୍ଜନ ମେକାପ ପ୍ରମୁଖ ବସନ୍ତ/ହୋଲି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ଚାରୁଲତା ଭୂୟାଁ, କବିତା ମୁଦୁଲି, ନିରୁପମା ଦାସ, ଅଶୋକ ସାହୁ ପ୍ରମୁଖ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ୮୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତାପାଠ କରିଥିଲେ।

## ଟାୱାର ଯନ୍ତ୍ରାଂଶ ନେଇ ଯାଉଥିବା ଟ୍ରକ୍ ଜବତ



**ପଟ୍ଟାମୁଣ୍ଡାଇ, ୨୪।୩(ସମିସ):** ମୋବାଇଲ ଟାୱାର ନିର୍ମାଣ ଯନ୍ତ୍ରାଂଶ ନେଇ ଯାଉଥିବା ଏକ ଟ୍ରକକୁ ପଟ୍ଟାମୁଣ୍ଡାଇ ପୁଲିସ ସନ୍ଦେହରେ ଅଟକ ରଖିଛି। ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ମୋବାଇଲ ଟାୱାର ଯନ୍ତ୍ରାଂଶ ନେଇ ଏକ ଟ୍ରକ୍ (ନଂ.ଏପି ୩୯ ୟୁଜେ ୨୪୪୫) ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ପଟ୍ଟାମୁଣ୍ଡାଇ ବାଇପାସଠାରେ ସ୍ଥାନୀୟ ପୁଲିସ ସନ୍ଦେହରେ ଅଟକାଇ କାଗଜପତ୍ର ଯାଞ୍ଚ କରୁଛି। ତେବେ ଟ୍ରକଟି ରାଜକନିକା ଅଞ୍ଚଳରୁ ମୋବାଇଲ ଟାୱାର ଯନ୍ତ୍ରାଂଶ ନେଇ କଟକ / ଭୁବନେଶ୍ୱର ଅଭିମୁଖେ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

କନିକା ରାଜ ମେଳଣର ଚତୁର୍ଥ ଦିନ

# ଗିରିୟା ମେଳଣରେ ଅସମ୍ଭାଳ ଭିଡ଼

**ରାଜକନିକା, ୨୪।୩(ସମିସ)**



ଧୂମଧାମରେ ଚାଲିଛି ପାଞ୍ଚଦିନିଆ କନିକା ରାଜ ମେଳଣ। ଆଜି ଚତୁର୍ଥ ଦିନର ଗିରିୟା ମେଳଣରେ ୭ ହଜାରରୁ ଅଧିକ ଲୋକଙ୍କ ସମାଗମ ଗିରିୟା ନଈପଠାର ମେଳଣ ପଡ଼ିଆକୁ ଅଧିକ ରଙ୍ଗାୟିତ କରିଦେଇଛି। ଗତକାଲି ଦେଉଳି ମେଳଣରେ ୫ ହଜାରରୁ ଅଧିକ ଲୋକଙ୍କ ଭିଡ଼ ହୋଇଥିବାବେଳେ ସେଠାରେ ହରିହର ଭେଟ ପରମ୍ପରା ବେଶ ରସାୟିତ ହୋଇଥିଲା।

ଚଳିତ ବର୍ଷର ମେଳଣ ଅପରାହ୍ନ ୪ଟା ପରେ ଜମୁଥିବା ବେଳେ ଦୋଳବିମାନ ଗୁଡ଼ିକୁ ଏଲଇଡି ଲାଇଟରେ ସଜ୍ଜିତ କରାଯିବାର ଧାରା ସନ୍ଧ୍ୟା ଓ ରାତ୍ରି ଦର୍ଶନ ପାଇଁ ଉପଭୋଗ୍ୟ ହେଉଛି। କ୍ରମାଗତ ଭାବରେ ୪ ଦିନ ଧରି ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦୋଳବିମାନରେ ଗାଁ କୁ ଗାଁ ପରିକ୍ରମା କରି ଭୋଗ ଲାଗି ହେବା ସହ ଫଗୁର ରଙ୍ଗରେ ସାରା ପରିବେଶକୁ ରଙ୍ଗାୟିତ କରିବା ଆକର୍ଷଣୀୟ ସାଜିଛି। ମଧ୍ୟାହ୍ନରୁ ମେଳଣପଡ଼ିଆକୁ ଗୋଟିକ ପରେ ଗୋଟିଏ ଦୋଳବିମାନ ଥାଟ ପଟ୍ଟାଳି ଧରି ଗିରିୟା ମେଳଣ ପଡ଼ିଆକୁ ପ୍ରବେଶ କରିବା ପରେ ଆୟୋଜକ କମିଟି ପକ୍ଷରୁ ସେମାନଙ୍କୁ ଫଗୁର ଅବିରରେ ସ୍ୱାଗତ କରାଯାଇଥିଲା। ଚଳିତ ବର୍ଷର ୪ର୍ଥ ଦିନର ମେଳନପର୍ବରେ ସାମିଲ ହେଉଥିବା ଶ୍ରୀଜୀଉମାନେ ନିଜ ନିଜର ଶୋଭାଯାତ୍ରା ଧରି ରଙ୍ଗ ବେରଙ୍ଗର ପତକା, ଢୋଲ, ମହୁରୀ, କାହାଳୀ, ଛତ୍ର ଛତ୍ରୀ, ଆଲଟ ଚାମର, ରଙ୍ଗଢୋଲ ଓ ନର୍ତ୍ତକି ମାନଙ୍କର ରଙ୍ଗରାସର ଉଦଣ୍ଡ ନୃତ୍ୟ ସହ ନୂଆ କରି ପଶ୍ଚିମ ଓଡ଼ିଶାର ମାଦଳବାଜା, ଶିଙ୍ଗ ବାଜା ସାମିଲ ହୋଇଥିବା ବେଳେ ପାରମ୍ପରିକ ବାଡ଼ିଖେଳ, ବନାଟି ଆଦି ଖେଳ ଚିତ୍ତାକର୍ଷକ ହୋଇଛି। କନିକା ରାଜ ପରିବାର ଦ୍ୱାରା ଆୟୋଜିତ ହେଉଥିବା ୫ ଦିନିଆ ମେଳଣର ପ୍ରତି ଦିନରେ ୪୫ରୁ ଉର୍ଦ୍ଧ୍ୱ ଦୋଳ ବିମାନର ସମାହାର ହୋଇଥିବା ବେଳେ ଅନୁକୂଳ ପାଣିପାଗ ଥିବାରୁ ହଜାର ହଜାର ଭକ୍ତଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ଆୟୋଜକ କମିଟି ପକ୍ଷରୁ ପ୍ରତ୍ୟେକ ବିମାନ ନିକଟରେ ଭୋଗ ଅର୍ପଣ ସହ ପରସ୍ପର ମଧ୍ୟରେ ଆଧ୍ୟାତ୍ମିକ ଭାବ ଆଦାନ ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ମେଳଣର ଶେଷଦିନରେ ରାଜବାଟୀ ସମ୍ମୁଖ ମେଳଣ ପଡ଼ିଆରେ ରାଜମେଳଣ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି।

### ଟେକା ପଥର ମାଡ଼ରେ ୨ ଆହତ

ରାଜକନିକାରେ ଜାରି ରହିଥିବା ମେଳଣରେ ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଦୁଇଜଣ ଆହତ ହୋଇଛନ୍ତି। ତେବେ ମେଳଣ ପଡ଼ିଆରେ ବସୁଥିବା ଦୋଳବିମାନକୁ ହଠାତ୍ ଟେକା ପଥର ମାଡ଼ ହେବାରୁ ଦୁଇ ଜଣ ଏହି ମାଡ଼ରେ ଆହତ ହୋଇଛନ୍ତି। ତେବେ ଭୟର ବାତାବରଣ ଥିବାରୁ ପୁଲିସ ହସ୍ତକ୍ଷେପ କରି ବଡ଼ାଗର ଗୋପୀନାଥ ଜୀଉ ବିମାନକୁ ସୁରକ୍ଷା ଦେଇ ଫେରାଇ ଆଣିଥିବାବେଳେ ପୁଲିସ ଫୋର୍ସ ଗିରିୟା ମେଳଣ ପଡ଼ିଆରେ ରହି ସ୍ଥିତି ଉପରେ ନଜର ରଖିଛି। ଆସନ୍ତାକାଲି ଶେଷଦିନ ମେଳଣ ଥିବାବେଳେ ଆଜିର ଗଣ୍ଡଗୋଳ ଯୋଗୁ ଅଶାନ୍ତି ଦେଖା ଦେଇଛି।

## ପାଟକୁରା ଅଞ୍ଚଳର ବିଭିନ୍ନ ସ୍ଥାନରେ ମେଳଣ



**ଗରଦପୁର, ୨୪।୩(ସମିସ):** ସୋମବାର ଦୋଳ, ମଙ୍ଗଳବାର ହୋଲି। ହେଲେ ଏବେଠୁ ଉତ୍ସବମୁଖର ହୋଇଉଠିଲାଣି ସବୁଠି। ଇତିମଧ୍ୟରେ ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ମେଳଣ ଓ ଫଗୁ ଆରମ୍ଭ ହୋଇଯାଇଥିବାବେଳେ ଏକାଧିକ ସ୍ଥାନରେ ଭିନ୍ନ ଭିନ୍ନ ଦିନରେ ରଙ୍ଗଖେଳ ହେବ। ତେବେ ଅଧିକାଂଶ ସ୍ଥାନରେ ଠାକୁର ଏବେ ଘରକୁ ଘର ବୁଲି ଭୋଗ ଖାଉଥିବାବେଳେ ଦୋଳ ଓ ହୋଲିକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି।

ମାର୍ଶାଘାଇ ଅଞ୍ଚଳର ପାଇଲୋ ଗ୍ରାମର ପ୍ରସିଦ୍ଧ ରାଧା ଦାମୋଦରଙ୍କ ଗୁରୁବାରଠାରୁ ଫଗୁ ଦଶମୀ ଆରମ୍ଭ ହୋଇଥିବାବେଳେ ରବିବାର ମେଳଣ ପଡ଼ିଆରେ ବହୁ

### ରାଧା ଦାମୋଦର ମେଳଣରେ ହଜାର ହଜାର ଲୋକଙ୍କ ସମାଗମ

ଆଡମ୍ବର ସହିତ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଠାକୁର ରାଧା ଦାମୋଦର ମେଳଣ ପଡ଼ିଆରେ ଭୋଗ ଖାଇବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୨ରୁ ଉର୍ଦ୍ଧ୍ୱ ବିମାନ ଉପସ୍ଥିତ ହୋଇଥିଲେ। ଏହି ପୁରାତନ ମେଳନରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା।

## ରାଜବାଟିରେ ଦୋଳ ମେଳଣ



**ପଞ୍ଚୁପାଣ୍ଡବ, ୨୪।୩(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମରେ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାମର ରାଧାକୃଷ୍ଣ ଓ ଡେରାବିଶର ଲକ୍ଷ୍ମୀ ଠାକୁରାଣୀ ଥାନପତି ଭାବେ ପ୍ରଥମେ ପଡ଼ିଆରେ ଉପବେଶନ କରିଥିଲେ। ପରେ ବିଭିନ୍ନ ପଟୁଆର ମଧ୍ୟରେ ବେଣୀପୁର ପଞ୍ଚାୟତର ବଜାର ମଠର ଦାମୋଦରଜୀଉ, ଯୋଗୀ ମଠ, ନାଗା ମଠ, ରଘୁଦେଇପୁର ପଞ୍ଚାୟତ ନୋଳସାହି, କଂସାରୀ ପାଟଣା, ବେଲାରପୁର ନାୟକ ସାହି, ନୀଳକଣ୍ଠପୁର, ଚାଟରା ମଠ, ଚକଡ଼ା, ଦଣ୍ଡା ସିହା, ଦୁମୁକା, ବେଲବଣ, ନୂଆହାଟ, ବାଲିଆ ଓ ପାଣ୍ଡଘର ବିମାନ ସମେତ ଅନ୍ୟ ବିମାନ ଗୁଡ଼ିକ ଏକ ବିରାଟ ପଟୁଆର ମଧ୍ୟରେ ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ବାଜା, ବାଣ ଓ ସଂକୀର୍ତ୍ତନ କରି ହଜାର ହଜାର ଭକ୍ତ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। କମିଟି ପକ୍ଷରୁ ବାବା ଦୟାନିଧି ଦାସ, ବିଜୟ ମଲିକ, ରମାକାନ୍ତ ମଲିକ, ହୃଷିକେଶ ମଲିକ, ମହେଶ୍ୱର ସିଂ, ଅଭୟ ସିଂ, ରାଧାଶ୍ୟାମ କର, ବିଜୟ ସିଂ, ସୁରେଶ ମଲିକ, ଅକ୍ଷୟ ମଲିକ, ସୁକଦେବ ମଲିକ, ଓ ସରୋଜକାନ୍ତ ସାମନ୍ତରାୟ ଉପସ୍ଥିତ ରହି ମେଳଣ ଉତ୍ସବକୁ ପରିଚାଳନା କରିଥିଲେ।

## ଶେଷହେଲା ନରସିଂହପୁର ଓ କସ୍ୱା ମେଳଣ



**ଡେରାବିଶ, ୨୪।୩(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ନରସିଂପୁର ଗ୍ରାମରେ ଫାଲଗୁନ ଚତୁର୍ଦ୍ଦଶୀ ତିଥିରେ ଆଜି ନରସିଂହପୁର ମେଳଣ ଅନୁଷ୍ଠିତ ହୋଇଯାଇଛି।

୨୬୦ ବର୍ଷ ତଳୁ ବାଲିଆର ଜମିଦାର କାନୁନ୍‌ଗୋ ପରିବାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ମେଳଣର ପରମ୍ପରା ନିଆରା। ମେଳଣ ପଡ଼ିଆରେ ପ୍ରଥମେ ଥାନପତି ଝିଙ୍କଡ଼ି ମଠ ବିମାନ ଉପବେଶନ କରିବା ପରେ ଅପରାହ୍ନରେ ଗ୍ରାମର ଉଭୟ ପାର୍ଶ୍ୱରୁ ୭୪ରୁ ଉର୍ଦ୍ଧ୍ୱ ବିମାନ ପଟୁଆରରେ ପଡ଼ିଆ ମଧ୍ୟକୁ ପ୍ରବେଶ କରି ଉପବେଶନ କରିଥାନ୍ତି। ଏହି ମେଳଣରେ ପୂର୍ବରୁ ଜମିଦାରଙ୍କ ପରିବାର ପକ୍ଷରୁ ବିମାନମାନଙ୍କ ସମ୍ମୁଖରେ ଭୋଗଲାଗି କରାଯାଉଥିବାବେଳେ ଏବେ ନରସିଂହପୁର ଗ୍ରାମବାସୀମାନଙ୍କ ପକ୍ଷରୁ ଭୋଗଲାଗି କରାଯାଉଛି। ଏହି ମେଳଣ ଦିନ ୧୧ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥାଏ। ଭୋଗଲାଗି ପରେ ବିମାନ ଗୁଡ଼ିକ କ୍ରମାନ୍ୱୟରେ ଫେରିଯାଆନ୍ତି। କିନ୍ତୁ ମେଳଣର ଶେଷ ପର୍ଯ୍ୟନ୍ତ ଥାନପତି ଝିଙ୍କଡ଼ି ବିମାନ ଓ ନରସିଂହପୁରର ଗୋପିନାଥଜୀଉଙ୍କ ବିମାନ ବସିରହିଥାନ୍ତି। ସେହିପରି ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଠାରେ କସ୍ୱା ମେଳଣ ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ମେଳଣରେ ପ୍ରଥମେ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ସୁସଜ୍ଜିତ ଦୋଳ ବିମାନ ଓ ରାଜନଗରର ପଞ୍ଚମୁଖି ଦୋଳବିମାନ ଉପବେଶନ କରିବା ପରେ ଅନ୍ୟ ଦୋଳବିମାନ ଗୁଡିକ ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ପୂଜାର୍ଚ୍ଚନା ପରେ ମାଟିହାଣ୍ଡିରେ ପ୍ରସ୍ତୁତ ଭୋଗ ନୈବିଦ୍ୟ ହେବାପରେ ମେଳଣ ସମାପ୍ତ ହୋଇଥିଲା।

## ଶାଗ ଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ଡେରାବିଶ, ୨୪।୩(ସମିସ):** ଡେରାବିଶ ବ୍ଲକ ଅଧିନସ୍ଥ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶାଗ ଓ ଅନ୍ନ ପ୍ରସାଦ ଭୋଗ ପାଇବା ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ ସନ୍ଧ୍ୟା ଯାଏ ଲାଗିରହିଛି। ପ୍ରସିଦ୍ଧ ଓଳକଣା ମେଳଣ ପଡ଼ିଆ ନିକଟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିର କାହିଁ କେଉଁ କାଳରୁ ପ୍ରତିଷ୍ଠିତ ହୋଇଛି। ଜନଶ୍ରୁତି ଅନୁଯାୟୀ ଦ୍ୱାପର ଯୁଗରେ ପାଣ୍ଡବ ପାଞ୍ଚ ଭାଇ ନିକଟସ୍ଥ ଡେରାଡିହ ଗ୍ରାମରେ ଅଜ୍ଞାତବାସରେ ରହିଥିବା ବେଳେ ଭକ୍ତ ବିଦୁର ଅରାଖଣ୍ଡ ଗ୍ରାମରେ ଏକ ଆଶ୍ରମ ସ୍ଥାପନ କରି ରହୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ଥିବା ଭକ୍ତ ବିଦୁରଙ୍କ ସମ୍ପର୍କ ସର୍ବଜନବିଦିତ। ତେବେ ବିଦୁରଙ୍କ ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଅବସ୍ଥାନ ସମୟରେ ବିଦୁର ଭକ୍ତିରେ ତାଙ୍କ ହାତରନ୍ଧା ଶାଗଭଜା ଓ ପଖାଳ ନୈବିଦ୍ୟରେ ସନ୍ତୁଷ୍ଟ ହୋଇ ବର ଯାଚିଥିଲେ। ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନର ଦୃଶ୍ୟ ଦର୍ଶନ ପାଇଁ ଭକ୍ତ ବିଦୁର ବର ମାଗିଥିଲେ। ଶ୍ରୀକୃଷ୍ଣଙ୍କ ବର ପ୍ରଦାନ ଅନୁଯାୟୀ ଆଜି ରାତିରୁ ଆରମ୍ଭ ହେବ ପ୍ରସିଦ୍ଧ ଓଳକଣା ମେଳଣ। ତେବେ ଏହି ପରମ୍ପରାର ପ୍ରତୀକ ସ୍ୱରୂପ ଆଜି ଫାଲଗୁନ ଚତୁର୍ଦ୍ଦଶୀ ତିଥି ଥିବାରୁ ଭକ୍ତ ବିଦୂରଙ୍କ ମନ୍ଦିରରେ ନୈବେଦ୍ୟ ହେଉଥିବା ଶାଗଭଜା ଓ ଅନ୍ନପ୍ରସାଦ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି।



ଶରତ ଦେବଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା

# ପତ୍ରପୁର ପୋଲ ଶରତ ଦେବଙ୍କ ବଡ଼ ଅବଦାନ

**ଆଳି, ୨୪।୩(ସମିସ)**



ସ୍ୱର୍ଗତ ଶରତ କୁମାର ଦେବଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଶରତ କୁମାର ଦେବ ସ୍ମୃତି କମିଟି ଆନୁକୂଲ୍ୟରେ ଏକ ସ୍ମୃତିସଭା ରବିବାର ଆଳି ନୂଆବଜାର ସ୍ଥିତ ଅନ୍ନପୂର୍ଣ୍ଣା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ରାଜା ସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ମୃତିସଭା କମିଟିର ସଭାପତି ଜଗତାନନ୍ଦ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଳି ରାଜା ସାହେବ ବ୍ରଜକେଶରୀ ଦେବ ଯୋଗଦେଇ ବାପା ଶରତ ଦେବଙ୍କ ଆଳି ପ୍ରତି ଥିବା ଅବଦାନ ସବୁଠାରୁ ବଡ କାର୍ଯ୍ୟ ଭିତରେ ପତ୍ରପୁରଠାରେ ବ୍ରାହ୍ମଣୀ ନଦୀ ଉପରେ ପୋଲ ନିର୍ମାଣ କରାଇ ଆଳି ଅଞ୍ଚଳର ଜନସାଧାରଣଙ୍କ ଗମନାଗମନ, ସରକାରୀ ବସ ଚଳାଇବା ଆଦି ସୁବିଧା କରାଇଥିଲେ। ଆଜି ବି ଲୋକେ ସେ କଥା ଭାବି ସ୍ୱର୍ଗତ ଦେବଙ୍କୁ ମନେ ପକାଉଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶରତ ଦେବଙ୍କ ସାନପୁଅ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗ ଦେଇ କହିଥିଲେ ଶରତ ଦେବ ନିଜ ପରିବାରଙ୍କୁ ସମୟ ନଦେଇ ଆଳିର ଜନସାଧାରଣଙ୍କ ପାଇଁ ସବୁବେଳେ ସମୟ ଦେଉଥିଲେ। ରାଜ ପରିବାରର ଦାୟାଦ ହୋଇ ମଧ୍ୟ ସେ କୃଷକ ନେତାରୁ ରାଜନେତା ବନିଥିଲେ। ସମ୍ମାନୀତ ଅତିଥି ଭାବେ ଆଳି ପଂଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ରାଜକନିକା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ ଯୋଗ ଦେଇ ସ୍ୱର୍ଗତ ଦେବଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଗଣେଶ୍ୱର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ମନ୍ତ୍ରୀ ଶ୍ରୀ ଦେବ ଡାକବଙ୍ଗଳା ଛକସ୍ଥିତ ଶରତ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ବଟବାବା ସାଂସ୍କୃତିକ ସଂଗଠନର ପୂଜ୍ୟପୂଜନ ଉତ୍ସବ




**କେନ୍ଦ୍ରାପଡ଼ା, ୨୪।୩(ସମିସ):** କେନ୍ଦ୍ରାପଡ଼ାର ପ୍ରତିଷ୍ଠିତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ବଟବାବା ସାସ୍କୃତିକ ସଂଗଠନ ତୁଣ୍ଡୁପୁରର ତ୍ରିଦିବସୀୟ ବ୍ୟାପି ୨୯ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିବସରେ ବଗଡ଼ା ପଞ୍ଚାୟତର ୨୦ଜଣ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ସଂଗଠନର ସଭାପତି ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ମୋହନ ଚରଣ ଜେନା ମୁଖ୍ୟଅତିଥି, ଆଶୁକବି ହେମନ୍ତ ଜେନା ମୁଖ୍ୟବକ୍ତା, ଗାୟକ ଭୂଷଣ ଗୋପବନ୍ଧୁ ନାଥ, ସରପଞ୍ଚ ସୁବନୀ ସାହୁ, ସମାଜସେବୀ ଆଦିକନ୍ଦ ରାଉଳ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଆମ ସମାଜକୁ ବରିଷ୍ଠ ନାଗରିକମାନଙ୍କ ତ୍ୟାଗ, ଅବଦାନକୁ ସ୍ୱୀକୃତି ଦେବାକୁ ଆୟୋଜିତ ଏପରି କାର୍ଯ୍ୟକ୍ରମ ଏତିକିରେ ସୀମିତ ନରହି ସେମାନଙ୍କର ବାସ୍ତବ ସମସ୍ୟାର ସମାଧାନ ଦିଗରେ ଏହି ସଂଗଠନର କର୍ମକର୍ତ୍ତାମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସଂଗଠନର ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପଣ୍ଡିତ ପ୍ରତାପ କୁମାର ପତି ଅତିଥି ପରିଚୟ ଓ ଦିଲ୍ଲିପ କୁମାର ବରାଳ ଉଦଘାଟନୀ ଓ ଗୋଲଖ ସେଠୀ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ। ଆଶୁତୋଷ ପଣ୍ଡା ସଭାକାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ସ୍ମୃତିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

